# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

ଇ ପେପର୍ ଓ ନ୍ୟୁଜ୍ ପାଇଁ ସ୍କାନ୍ କରନ୍ତୁ

VOL-1 ISSUE-13 16 FEBRUARY- 22 FEBRUARY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୧୩ ୧୬ ଫେବୃଆରୀ - ୨୨ ଫେବୃଆରୀ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର


ଦେଢ଼ କୋଟିରୁ ୩ ଲକ୍ଷ କୋଟି


ଅସବର୍ଣ୍ଣ + ପାୱାର = ସବର୍ଣ୍ଣ

ବାଂଲାଦେଶ: ଯୁଦ୍ଧବନ୍ଦୀରୁ ପ୍ରଧାନମନ୍ତ୍ରୀ

କାହ୍ନୁଙ୍କ କ୍ଷତର କଥା

ସାଇଲେଣ୍ଟ ମୋଡ୍‌ରେ ବଲାଙ୍ଗୀର କଂଗ୍ରେସ

ମୁଁ ଅମାନିଆ ନୁହେଁ: ଅରୁଣ




# ବଜେଟ୍ ୨୦୨୬-୨୭



# ଅସବର୍ଣ୍ଣ + ପାୱାର = ସବର୍ଣ୍ଣ

ବହି ଗଣିତ, ରାଜନୀତି ଗଣିତ ଓ ସାମାଜିକ ଗଣିତର ସୂତ୍ର ସବୁବେଳେ ଭିନ୍ନ ଭିନ୍ନ । ବହି ଗଣିତ ପୀଢ଼ି ପରେ ପୀଢ଼ି ଧରି ସବୁବେଳେ ସମାନ । ହେଲେ ରାଜନୀତି ଗଣିତ ଆଉ ସାମାଜିକ ଗଣିତ ସମୟ ସହ ବଦଳେ । ଆମେ ଆଜି ଟିକେ ବଦଳୁଥିବା ସାମାଜିକ ଗଣିତ ଉପରେ ନଜର ପକାଇବା । ସ୍ୱାଧୀନତାକୁ ପାଖାପାଖି ଚାରି କୋଡ଼ି ହେବାକୁ ଯାଉଛି । ଆଜିକାର ଜେନ୍-ଜି, ଜେନ-ଏକ୍ସ ଗୋଷ୍ଠୀ ସଂରକ୍ଷଣ ବିରୋଧରେ ସ୍ୱର ଉଠାଉଛନ୍ତି । ହେଲେ କେନ୍ଦ୍ରପଡାର ଅଙ୍ଗନବାଡ଼ି କର୍ମୀ ଶର୍ମିଷ୍ଠାଙ୍କୁ ନେଇ ଗାଁରେ ଯେଉଁ ହାଲାବୋଲ ହୋଇଛି ତାହା ତଥାକଥିତ ପ୍ରଗତି, ସାମାଜିକ ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ଠିଆ କରାଇଛି । ଅଙ୍ଗନବାଡ଼ି କର୍ମୀଭାବେ ଜଣେ ଦଳିତ ମହିଳା ନିଯୁକ୍ତି ପାଇଥିବାରୁ ଗାଁ ଲୋକମାନେ ସେଠାକୁ ନିଜ ପିଲାମାନଙ୍କୁ ଛାଡ଼ିଲେ ନାହିଁ । ଯାହା ଏବେ ଜାତୀୟସ୍ତରରେ ବି ଚର୍ଚ୍ଚା ସୃଷ୍ଟିକରିଛି । କିନ୍ତୁ ସେଇ ଗାଁ ଓ ସେମିତି ବ୍ୟବସ୍ଥା ସୃଷ୍ଟି କରିଥିବା ଜନତାଙ୍କୁ ଆମର କିଛି ପ୍ରଶ୍ନ । ଆମର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଦିବାସୀ, ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ ବି ଆଦିବାସୀ, ଆମର ଅନେକ ମନ୍ତ୍ରୀ ଦଳିତ ଓ ଆଦିବାସୀ ବର୍ଗର ପ୍ରତିନିଧିତ୍ୱ କରୁଛନ୍ତି । ଯେତେବେଳେ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ଆମ ଗାଁକୁ ଯାଆନ୍ତି ଆମେ କ'ଣ ସେମାନଙ୍କ ପ୍ରତି ଏମିତି ବ୍ୟବହାର ପ୍ରଦର୍ଶନ କରୁଛେ କି ? ଏହାର ଉତ୍ତର ନା । ବରଂ ଆମେ ଗର୍ବ ଅନୁଭବ କରୁଛେ । ଦଳିତ କି ଆଦିବାସୀ ବର୍ଗର ବିଡ଼ିଓ, ଜିଲ୍ଲାପାଳ ଆମ ଗାଁକୁ ଗଲେ କେତେଜଣ ଏମିତି ନାକ ଟେକୁଛନ୍ତି । ବରଂ ତାଙ୍କୁ ଚେୟାରଟେ ଦେଇ ଆମେ ତଳେ ବସି ଗର୍ବ ଅନୁଭବ କରୁଛେ । କିନ୍ତୁ ଦଳିତ ଅଙ୍ଗନବାଡ଼ି କର୍ମୀଙ୍କୁ ନେଇ ଗାଁଟେ ଉଠିଲା ପଡ଼ିଲା । ତାହାର କାରଣ କ'ଣ ? ଏହାର ସରଳ ଓ ସିଧା ଉତ୍ତରଟି ହେଉଛି ସେ ପାୱାରଫୁଲ୍ ନୁହେଁ । ଯଦି ସେ ପାୱାରଫୁଲ୍ ହୋଇଥା'ନ୍ତେ ତେବେ ଅସବର୍ଣ୍ଣ ଲୋକଟେ ବି ସବର୍ଣ୍ଣ ଭଳି ବ୍ୟବହାର ପାଇଥା'ନ୍ତା । ଯେଉଁଥିପାଇଁ ଆମେ ଶୀର୍ଷକ କରିଛୁ, ଆଜିକାର ସାମାଜିକ ଗଣିତ ହେଉଛି (ଅସବର୍ଣ୍ଣ+ପାୱାର= ସବର୍ଣ୍ଣ) ଆଉ ଯଦି ପାୱାର ନଥିବ ତେବେ ସେ କେବଳ ଅସବର୍ଣ୍ଣ ଭଳି ହିଁ ବ୍ୟବହାର ପାଇବ ।

ଏହି ପରିପ୍ରେକ୍ଷୀରେ ମୁଁ ନିଜ କଥା ପଦେ କହିବାକୁ ଚାହୁଁଛି । ୧୯୯୦ ଦଶକର କଥା । ଆମ ଗାଁ ଖଣ୍ଡାୟତ ବହୁଳ ଅଞ୍ଚଳଟେ । ସ୍ୱାଭାବିକ ଭାବେ ଜାତିଆଣ ଭେଦଭାବ ରହିଥାଏ । ଗାଁ ଦାଣ୍ଡରେ ସାଇକେଲ ନଚଲେଇ ଗଡ଼େଇ ଗଡ଼େଇ ଯିବା, ଭୋଜିଭାତ ବେଳେ ଅଲଗା ଫଙ୍କ୍ତିରେ ବସିବା, ଉଚ୍ଚଜାତିର ଲୋକ ପିଣ୍ଡା ଉପରେ ବସିଥିଲେ ତଳେ ବସି କଥା ହେବା ଏମିତି ନାନାଦି ଚିତ୍ର ଦେଖିଛୁ । ଏହା ପୂର୍ବରୁ ଚିତ୍ର କଥା ନକହିଲେ ଭଲ । ସେହି ସମୟରେ ମୋ ଘର କିନ୍ତୁ ଦଳିତ ଓ ଆଦିବାସୀଙ୍କ ପାଇଁ ଖୋଲାଥାଏ । ସେମାନଙ୍କ ପିଲାମାନେ ଆସି ଆମ ଘରେ ପାଠ ପଢ଼ନ୍ତି । କିନ୍ତୁ ମୋର ଏଭଳି ଚିନ୍ତାଧାରା ପାଇଁ ମୋତେ ସମାଲୋଚିତ ଓ ଉପହସିତ ହେବାକୁ ପଡ଼ିଛି । କିଛି ରାଜନୈତିକ ବ୍ୟକ୍ତି ଦାଉ ସାଧିବାକୁ ବି ପଛାଇନାହାନ୍ତି । ଅବଶ୍ୟ ଏବେ ଧିରେଧିରେ ଏହି ଚିତ୍ର ବଦଳିଯାଇଛି । ତଥାପିବି ଅଧିକାଂଶ ଲୋକଙ୍କ ମନରେ ଜାତିଆଣ ଛୁଆଁ ଅଛୁଆଁ ଭେଦଭାବ ବସା ବାନ୍ଧିରହିଛି । ଆସନ୍ତୁ ଯୁଗ ସହ ତାଳଦେଇ ଭେଦଭାବର ଏହି ଭାଇରସକୁ ମନଭିତରୁ ସ୍କାନ୍ କରିଦେବା । ଏମିତି ରୁଗ୍ଣ ମାନସିକତାକୁ ସିଫ୍ଟ ଡିଲିଟ୍ ମାରିବାର ସମୟ ଆସିଯାଇଛି ।

# ବିଜୁଙ୍କୁ ହରାଇବାକୁ ଆସିଥିଲେ ଇନ୍ଦିରା

୧୯୭୧ ମସିହାର କଥା । ସେତେବେଳେ ଚୌଦ୍ୱାରରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ ୩୨ ବର୍ଷର ଯୁବକ କାହ୍ନୁଚରଣ ଲେଙ୍କା । ବିଜୁଙ୍କ ବିରୋଧରେ ଲଢ଼ିବାକୁ ନନ୍ଦିନୀ ଶତପଥି କାହ୍ନୁଙ୍କୁ ହିଁ ବାଛିଥିଲେ । କାହ୍ନୁଙ୍କର ଏହା ପ୍ରଥମ ନିର୍ବାଚନ । ଚୌଦ୍ୱାରରେ ବି ସେମିତି ତାଙ୍କର ସଂଗଠନ କି ପରିଚୟ ବି ନଥିଲା । ତେବେ ଇନ୍ଦିରା ଗାନ୍ଧୀ କାହ୍ନୁଙ୍କ ପାଇଁ ପ୍ରଚାର କରିବାକୁ ପ୍ରତିଶ୍ରୁତି ଦେବା ପରେ ତାଙ୍କର ଯୋଶ୍ ବଢ଼ି ଯାଇଥିଲା । ଉତ୍କଳ କଂଗ୍ରେସରୁ ଲଢୁଥା'ନ୍ତି ବିଜୁବାବୁ । ଏପଟେ କାହ୍ନୁଙ୍କର ଚିହ୍ନ ଥିଲା ଗାଇବାଛୁରୀ । ଇନ୍ଦିରା ୧୦ ମିନିଟ୍ କାଳ ଭାଷଣ ଦେବା ପରେ କାହ୍ନୁଙ୍କୁ ତାଙ୍କ ସାମ୍ନାରେ ଠିଆ କରି ଗାଇବାଛୁରୀ ଚିହ୍ନରେ ଭୋଟ୍ ଦେବାକୁ ନିବେଦନ କରିଥିଲେ । ବାସ୍, ନିର୍ବାଚନରେ ୧୦ ହଜାର ଭୋଟ୍‌ରେ ବିଜୁଙ୍କୁ ହରାଇ କାହ୍ନୁ ବିଧାନସଭାକୁ ଆସିଥିଲେ । ଏହି ପ୍ରଥମ ନିର୍ବାଚନ ହିଁ ତାଙ୍କୁ ରାଜ୍ୟ ରାଜନୀତିରେ ବେଶ୍ ପରିଚିତ କରି ଦେଇଥିଲା । କାହିଁକିନା ବିଜୁଙ୍କୁ ତାଙ୍କ ଗଡ଼ରେ ହରାଇବା ଏତେ ସହଜ ନଥିଲା । ଏହି ନିର୍ବାଚନରେ ଆଉ ଏକ ସ୍ମରଣୀୟ ଘଟଣା ବି ଘଟିଥିଲା । କଳିଙ୍ଗ ଟ୍ୟୁବସର ପଡ଼ିଆରେ ବିଜୁଙ୍କ ବିରୋଧରେ ଇନ୍ଦିରାଙ୍କ ସଭାକୁ ଭଣ୍ଡୁର କରିବା ପାଇଁ କର୍ମଚାରୀମାନେ ଯୋଜନା କରିଥିଲେ । କଳିଙ୍ଗ ଟ୍ୟୁବସର ମାଲିକ ଥିଲେ ବିଜୁବାବୁ । ବିଜୁବାବୁ ଏହି ଖବର ପାଇବା ପରେ ସିଧାସଳଖ କହିଥିଲେ, ବିଜୁ ପଟ୍ଟନାୟକ ଏତେ ଛୋଟ ଲୋକ ନୁହେଁ, ଯେକି ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ନିଜ ଜାଗା ବୋଲି ଅଧିକାର ଦେଖାଇ ସଭା କରାଇଦେବେନି । ପରେ ବିଜୁଙ୍କ ନିର୍ଦ୍ଦେଶରେ କଳିଙ୍ଗ ଟ୍ୟୁବସର କର୍ମଚାରୀ ଓ ଅଧିକାରୀମାନେ ସହଯୋଗ କରିଥିଲେ ।




## ବାବା ଅବ୍ଜର୍ଭାନନ୍ଦ

ମଦ ମୁକ୍ତ ରାଜ୍ୟ କରିବ କହିକି
ନିର୍ବାଚନ ପରା ଜିତିଲ,
ମାଣ୍ଡିଆରୁ ମଦ ବାହାରିବ ବୋଲି
ସତୁରି ଦୋକାନ ଖୋଲିଲ ।

ପ୍ରଦୂଷଣ ପ୍ରଦୂଷଣ କହି କହି
ଆଦାୟ କରିଲ ଫାଇନି,
ପୁଣି କାହିଁକି ଗଡ଼ାଇଲ ଦିନ
ଯଦି ଅଛି ଏହା ଆଇନି ?

ବ୍ୟାନ କରିଲ ସିଗାରେଟ, ପାନ,
ତମାଖୁ ସାଙ୍ଗକୁ ଗୁଟଖା,
କଣ ହେଲା ପୁଣି ସପ୍ତାହକ ପରେ
ଦେଲ ଯେ ଲୋକଙ୍କୁ ଝଟକା ?

ଲାଗୁଛି ଯେମିତି ଖେଳିବନି କହି
ଧମକାଉଥିଲା ପଡିଶା,
ସେମିତି ନିଷ୍ପତ୍ତି କବଳରେ ଏବେ
ପଡିଛି ଆଜି ମୋ ଓଡ଼ିଶା ।

ପାକିସ୍ତାନ ପରା ବୟକଟ କହି
କଲୋମ୍ବେ ଚାଟିଲା ଛେପ
ସାଧୁ ସାବଧାନ ନହେଲେ ଲାଗିବ
ୟୁ - ଟର୍ଣ୍ଣ ସର୍କାର ଛାପ ।



ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ ।




**୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଲା। ସେତେବେଳେ ଓଡ଼ିଶା ପାଇଁ ୧୬୩ ଲକ୍ଷ ଟଙ୍କାର ବଜେଟ୍ ହୋଇଥିଲା । ଆଜି ବଜେଟର କଳେବର ବଢ଼ିବଢ଼ି ୩ ଲକ୍ଷ କୋଟି ଟପିବାକୁ ଯାଉଛି । ବିମାରୁ ରାଜ୍ୟ ଭିତରେ ଓଡ଼ିଶା ନଥିଲେବି ପାଖାପାଖି ସେଇଭଳି ସ୍ଥିତିରେ ଦିନେ ରାଜ୍ୟ ସଂଘର୍ଷ କରୁଥିଲା । ଏବେ କିନ୍ତୁ ସ୍ଥିତି ବଦଳିଯାଇଛି । ଦେଶର ବଡ଼ ରାଜ୍ୟ ତୁଳନାରେ  ଆମ ବଜେଟର ସ୍ୱାସ୍ଥ୍ୟ ଭଲ ରହିଛି । ଭାଗମାପରେ ଋଣ ଆସୁଛି। କେଉଁ କ୍ଷେତ୍ରରେ ଆମେ ଜାତୀୟସ୍ତର ଠାରୁ ଆଗରେ ତ ଆଉ କେତେକ କ୍ଷେତ୍ରରେ ବହୁ ପଛରେ ପଡ଼ିଯାଇଛୁ । ତଥାପିବି ୨୦୩୬ରେ ଏକ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ଦେଖୁଛନ୍ତି ଓଡ଼ିଆ।**

# ବଜେଟ

# ଦେଢ଼ କୋଟିରୁ ୩ ଲକ୍ଷ କୋଟି

## ପ୍ରଥମ ବଜେଟ୍: କେନ୍ଦ୍ର ଦେଇଥିଲା ୫୦ ଲକ୍ଷ

୧୯୩୬-୩୭ରେ କେନ୍ଦ୍ର ସରକାର ଓଡ଼ିଶାକୁ ୫୦ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ । ତେବେ କେନାଲ ସିଷ୍ଟମର ୧୦ ଲକ୍ଷ ସୁଧକୁ କାଟି ଅବଶିଷ୍ଟ ୪୦ ଲକ୍ଷ ଟଙ୍କା ଦିଆଯାଇଥିଲା । ସେତେବେଳେ କେନ୍ଦ୍ରର ସହାୟତାକୁ ମିଶାଇ ୧୬୩ ଲକ୍ଷର ବଜେଟ୍ ଉପସ୍ଥାପିତ ହୋଇଥିଲା । ଓଡ଼ିଶାର ଜନସଂଖ୍ୟା ୮୮ ଲକ୍ଷ ଥିଲାବୋଲି ହିସାବ କରାଯାଇଥିଲା ।

## ୧୯୪୦ ଦଶକର ବଜେଟ୍

- ୧୯୩୭ରେ ୧.୮୭ କୋଟି, ୧୯୩୮-୨୯ରେ ୧.୯୭ କୋଟି ଓ ୧୯୩୯-୪୦ରେ ୨.୦୬ କୋଟିର ବ୍ୟୟ ଅଟକଳ ହୋଇଥିଲା । ବେକାରୀ ଦୂରୀକରଣ ପାଇଁ ଖଦୀ ଓ କୁଟୀର ଶିଳ୍ପର ବିକାଶ, ଲୁଣ ଶିଳ୍ପର ପୁନରୁଦ୍ଧାର
- ଆୟୁର୍ବେଦର ପ୍ରଚାର ଓ ପ୍ରୋତ୍ସାହନ, ଭୂରାଜସ୍ୱ, ଶିକ୍ଷା, ଜନସ୍ୱାସ୍ଥ୍ୟ, କୃଷି, ଶିଳ୍ପ ଓ ଭିତ୍ତିଭୂମି ଉନ୍ନୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

## ୧୯୫୦ ଦଶକର ବଜେଟ୍

- ୧୯୪୨-୪୩ : ଏହାର ଥିମ ଥିଲା, ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଦିଅ । ସେମାନଙ୍କ ମସ୍ତିଷ୍କ ପାଇଁ ଶିକ୍ଷା ଦିଅ । ଏହାକୁ ଦୃଷ୍ଟିରେ ରଖି ଶିକ୍ଷା, କୃଷି ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା ।
- ନବମ ବଜେଟ୍‌ରେ ଧାନ ଉପରେ ଲେଭି, ମନୋରଞ୍ଜନ କର ଓ ପାନ ପତ୍ର ଉପରେ ଟିକସ ଲଗା ଯାଇଥିଲା । ଲୋକଙ୍କୁ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ସଚେତନ ପାଇଁ ଏକ ହେଲଥ ପବ୍ଲିସିଟି ବ୍ୟୁରୋ କରାଯାଇଥିଲା । ୧୯୪୧-୪୨, ୧୯୪୨-୪୩, ୧୯୪୩-୪୪ ଓ ୧୯୪୪-୪୫ ବଜେଟରେ ଯଥାକ୍ରମେ, ୧.୯୪ କୋଟି, ୨.୦୪ କୋଟି, ୨.୨୪ କୋଟି ଓ ୪.୧୫ କୋଟିର ବ୍ୟୟବରାଦ କରାଯାଇଥିଲା ।
- ଏହି ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପନ ଓ ହୀରାକୁଦ ବନ୍ଧର ଶିଳାନ୍ୟାସ ହୋଇଥିଲା । ଭୁବନେଶ୍ୱରକୁ ରାଜଧାନୀ କରିବା ପାଇଁ ଘୋଷଣା ବି କରାଯାଇଥିଲା । ୧୯୪୬ ଅପ୍ରେଲ ପହିଲାରେ ଓଡ଼ିଶାର ଦାୟିତ୍ୱ ନେଇଥିଲେ ପ୍ରଥମ ଭାରତୀୟ ଗଭର୍ଣ୍ଣର ଚନ୍ଦୁଲାଲ ମାଧବଲାଲ ତ୍ରିବେଦୀ ।
- ୧୯୪୭ ଅପ୍ରେଲ ୧ରେ ଅବକାରୀ ସାମଗ୍ରୀ ଉପରେ ନିଷେଧାଦେଶ ଜାରି କରାଯାଇଥିଲା । ଏହି ସମୟରେ ଓଡ଼ିଶା ବିକ୍ରୟ କର ଆଇନ୍ ଆସିବା ସହ ସାମଗ୍ରୀ କ୍ରୟ ଓ ବିକ୍ରୟ ଉପରେ ଟିକସ ଲାଗିଥିଲା ।
- ୧୯୪୮-୪୯ ବଜେଟ୍‌ରେ ଓଡ଼ିଶା କେନ୍ଦ୍ର ଠାରୁ ଆୟକରରୁ ୨ରୁ ୩% ପାଇଥିଲା । ବଜେଟ କଳେବରରେ କେନ୍ଦ୍ରୀୟ ସୂତ୍ରରୁ ପ୍ରାୟ ଅଧା ଆସିଥିଲା । ଅନ୍ୟ ଅଧକରୁ ସିଂହଭାଗ ଅବକାରୀ ଟିକସରୁ ଆସିଥିଲା ।
- ୧୯୪୮ ଜୁଲାଇ ୨୬ରେ ଓଡ଼ିଶା ହାଇକୋର୍ଟ ଉଦଘାଟନ ହୋଇଥିଲା । ରାଜଧାନୀ ଭୁବନେଶ୍ୱରର ଟାଉନ ପ୍ଲାନିଂ ପାଇଁ ବଜେଟରେ ବ୍ୟୟବରାଦ କରାଯାଇଥିଲା ।

ଗର୍ବିତ ଓଡ଼ିଆ

## ୧୯୬୦ ଦଶକର ବଜେଟ୍

- ସ୍ୱାଧୀନତା ପରେ ପ୍ରଥମ ବହୁମୁଖୀ ନଦୀବନ୍ଧ ଯୋଜନା ଭାବେ ହୀରାକୁଦ ବନ୍ଧ କାର୍ଯ୍ୟକାରୀ ହେଲା । ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପ୍ରଥମ ସମନ୍ୱିତ ଇସ୍ପାତ କାରଖାନା ଭାବେ ଉଭା ହୋଇଥିଲା ।
- ଶିଳ୍ପ ବିକାଶ ନିଗମ ପ୍ରତିଷ୍ଠା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଗଠନ, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନିଆଯାଇଥିଲା
- ପାରାଦୀପ ବନ୍ଦର ପାଇଁ ପଦକ୍ଷେପ
- ସେକ୍ରେଟାରିଏଟ ବିଲ୍ଡିଂ ସମ୍ପୂର୍ଣ୍ଣ, ବିଏସଇ, ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଇଥିଲା
- ବେଆଇନ୍ ମଦ ପ୍ରସ୍ତୁତି ଓ ବିକ୍ରି ଉପରେ କଡ଼ା କଟକଣା ଲଗା ଯାଇଥିଲା
- କେନ୍ଦୁପତ୍ର ନିୟନ୍ତ୍ରଣ ଅର୍ଡ଼ର ଦ୍ୱାରା ଗ୍ରାମବାସୀଙ୍କୁ ଲାଭର ଅଧା ଦେବାକୁ ଘୋଷଣା କରାଯାଇଥିଲା
- ହୀରାକୁଦ ବନ୍ଧ ନିର୍ମାଣ ପାଇଁ ଅର୍ଥ ସକାଶେ ଜଳସେଚନ ସବସିଡ଼ି ପ୍ରତ୍ୟାହାର କରି ନିଆଗଲା
- ୧୯୫୫ର ଭୂଦାନ ଆନ୍ଦୋଳନର ପ୍ରଭାବ ବି ଓଡ଼ିଶା ଉପରେ ବ୍ୟାପକ ଭାବେ ପଡ଼ିଥିଲା
- ପ୍ରଥମ ପଞ୍ଚବାର୍ଷିକୀ ଯୋଜନାରେ ଖାଦ୍ୟ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିବାବେଳେ ଦ୍ୱିତୀୟ ପଞ୍ଚବାର୍ଷିକୀ ଯୋଜନାରେ ଶିଳ୍ପ ଓ ଜୀବନଜୀବିକାର ମାନରେ ଅଭିବୃଦ୍ଧି ପାଇଁ ଗୁରୁତ୍ୱ ଦିଆଯାଇଥିଲା
- ଅର୍ଥ କମିଶନଙ୍କ ରିପୋର୍ଟ ଆଧାରରେ ରାଜ୍ୟଗୁଡ଼ିକୁ ପ୍ରଥମ ଥର ପାଇଁ ଡିଭୋଲୁସନ୍ ବା କେନ୍ଦ୍ର ଟିକସରେ ରାଜ୍ୟର ଭାଗ ମିଳିଥିଲା
- ରାଜସ୍ୱ ଆଦାୟ ପାଇଁ ଅଫିମ ବିକ୍ରି କଟକଣାକୁ ଆଉ ବର୍ଷେ ବିଳମ୍ବିତ କରାଯାଇଥିଲା । ଏହାଛଡ଼ା ଲୋକାଲ ସେସ, ପରିବହନ ଉପରେ ଟିକସ, ଆଖୁ ଉପରେ ସେସ୍, ବାଉଁଶ ରୟାଲଟି ବୃଦ୍ଧି ହୋଇଥିଲା

## ୧୯୭୦ ଦଶକର ବଜେଟ୍

- କାର୍ଯ୍ୟପାଳିକାରୁ ପ୍ରଥମ ଥର ପାଇଁ ନ୍ୟାୟପାଳିକାକୁ ଅଲଗା କରାଯାଇଥିଲା । କଟକ, ପୁରୀ ଓ ବାଲେଶ୍ୱରରେ ପ୍ରଥମେ ଏହା ଲାଗୁ ହୋଇଥିଲା
- କଟକରୁ ଭୁବନେଶ୍ୱରକୁ ରାଜଭବନ ଆସିଥିଲା
- ଜଳସେଚନ ଓ କୁଟୀର ଶିଳ୍ପର ବିକାଶ ଉପରେ ଗୁରୁତ୍ୱାରୋପ
- ତୃତୀୟପଞ୍ଚବାର୍ଷିକଯୋଜନାରେଫୋକସରେଥିଲାଆୟରେ ଥିବା ତାରତମ୍ୟ ହ୍ରାସ, ଖାଦ୍ୟରେ ଆତ୍ମନିର୍ଭରଶୀଳତା ଓ ନିଯୁକ୍ତି ବୃଦ୍ଧି ପାଇଁ ଶିଳ୍ପର ଅଭିବୃଦ୍ଧି ।
- ନନ ଜୁଡ଼ିସିଆଲ ଷ୍ଟାମ୍ପର ପ୍ରଚଳନ
- ଗ୍ରାମୀଣ ଅର୍ଥନୀତି ବୃଦ୍ଧି ପାଇଁ ପଞ୍ଚାୟତ ଶିଳ୍ପ ଉପରେ ଗୁରୁତ୍ୱାରୋପ
- ପାରାଦୀପ ବନ୍ଦର, ବିମାନ ବନ୍ଦର ପ୍ରତିଷ୍ଠା, ଦୈତାରୀ-ପାରାଦୀପ ଏକ୍ସପ୍ରେସ ୱେର ଶୁଭାରମ୍ଭ, ଉତ୍କଳ ବିଶ୍ୱବିଦ୍ୟାଳୟ ବିଲଡ଼ିଂ ଉଦଘାଟନ
- ଦେଶର ଦ୍ୱିତୀୟ କୃଷି ବିଦ୍ୟାଳୟ ଭାବେ ଓୟୁଏଟି ପ୍ରତିଷ୍ଠା
- ସୁନାବେଡ଼ାରେ ମିଗ ବିମାନ କାରଖାନା, ହୀରାକୁଦରେ ଏକ୍ସପ୍ଲୋଜିଭ କାରଖାନା
- ୧୯୬୩ରେ କଟକରେ ହଇଜା ବ୍ୟାପିବା ପରେ ବିଶୁଦ୍ଧ ଜଳ ଯୋଗାଣ ଦିଗରେ ପଦକ୍ଷେପ
- କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳସେଚିତ ଅଞ୍ଚଳରେ ଧାନ ଉତ୍ପାଦନ ଦୁଇଗୁଣିତ କରିବା, ଚାଷୀଙ୍କୁ ଟ୍ରାକ୍ଟର ଯୋଗାଣ, ୧୨୦ ପଞ୍ଚାୟତ ଶିଳ୍ପ ପ୍ରତିଷ୍ଠା, ଟିକରପଡ଼ା ଡ୍ୟାମ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ସମ୍ପ୍ରସାରଣ
- ଫ୍ୟାମିଲି ପେନସନ ଦିଗରେ ପଦକ୍ଷେପ
- ରାଜ୍ୟର ପ୍ରଥମ ସିବିଏସଇ ସ୍କୁଲ ଡିଏମ୍ ସ୍କୁଲ ପ୍ରତିଷ୍ଠା
- ଚାଷୀଙ୍କୁ ସାହୁକାର ଶୋଷଣରୁ ମୁକ୍ତିଦେବାକୁ କୃଷି ଋଣ
- ୧୯୬୫ରେ ସାଂଘାତିକ ମରୁଡ଼ି ପରେ ଧାନ ଓ ଚାଉଳ ସଂଗ୍ରହ ଯୋଜନା ଆରମ୍ଭଓଡ଼ିଶା ବଜେଟ୍

## ୧୯୮୦ ଦଶକର ବଜେଟ୍

- କୋରାପୁଟ, ଫୁଲବାଣୀ ଓ ଗଞ୍ଜାମରେ ପୋଡୁଚାଷକୁ ଗୁରୁତ୍ୱ
- ୧୦ ଏକରର ଜମି ସିଲିଂ ବ୍ୟବସ୍ଥା
- ଆଦିବାସୀଙ୍କ ଠାରୁ ଜମି କିଣା ଉପରେ କଟକଣା
- ବିଭିନ୍ନ ପ୍ରକାର ଟିକସ ବୃଦ୍ଧି ସହ ଏକ୍ସପ୍ରେସୱେରେ ଟୋଲ୍ ଆଦାୟ
- ଚାଷ ଜମି ଉପରେ ଟିକସ ବ୍ୟବସ୍ଥା
- ରେଙ୍ଗାଲୀ ନଦୀବନ୍ଧ, ଇପିକଲ ଓ ଉଠା ଜଳସେଚନ ନିଗମ ଆରମ୍ଭ
- ଜଳ ଟିକସ ବାଧ୍ୟତାମୂଳକ, ବିଦେଶୀ ମଦ ଉପରେ ସୌଖିନ ଟିକସ
- ଭୂମିହୀନଙ୍କୁ ଜମି ଆବଣ୍ଟନ, ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା
- ୧୯୭୫ରେ ୬୫ ବର୍ଷରୁ ଉର୍ଦ୍ଧ୍ୱଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଜନା
- ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ
- କୌଶଲ୍ୟାଗଙ୍ଗ ଠାରେ ମଧୁର ଜଳ ମାଛ ଗବେଷଣା କେନ୍ଦ୍ର ସ୍ଥାପନ
- ୧୯୭୭ରେ ଅପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଶିଳାନ୍ୟାସ
- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମିନି ହେଲଥ ସେଣ୍ଟର ସ୍ଥାପନ
- କୃଷି ଆୟକର ବ୍ୟବସ୍ଥା ଉଚ୍ଛେଦ

## ୧୯୯୦ ଦଶକର ବଜେଟ୍

- ଆଲୁମିନିୟମ୍ କମ୍ପ୍ଲେକ୍ସ ଓ ଶିଳ୍ପ ସ୍ଥାପନ ଉପରେ ଗୁରୁତ୍ୱ
- ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ଥାପନ
- ନାଲ୍‌କୋ ସ୍ଥାପନ, ଇଡ଼କୋ ପ୍ରତିଷ୍ଠା
- ପ୍ରତି ଗ୍ରାମ ପଞ୍ଚାୟତରେ କୋ-ଅପରେଟିଭ୍ ଷ୍ଟୋର
- ଖଣି ରୟାଲଟି ଉପରେ ସେସ୍, କୋଇଲା-କ୍ରୋମାଇଟ୍ ରୟାଲଟି ବୃଦ୍ଧି
- ଶାଳ ମଞ୍ଜିର ବାଣିଜ୍ୟିକ ବିକ୍ରି
- ବଲାଙ୍ଗୀରର ସଇଁତଳାରେ ଗୋଳାବାରୁଦ କାରଖାନା
- ଓଡ଼ିଶା ରାଜସ୍ୱ ନିଅଣ୍ଟିଆ ରାଜ୍ୟ ହୋଇଥିବାରୁ ଅର୍ଥ କମିଶନଙ୍କ ସ୍ୱତନ୍ତ୍ର ଅନୁଦାନ
- ଓମଫେଡ଼ ପ୍ରତିଷ୍ଠା, ଅସ୍ତରଙ୍ଗରେ ଫିସିଂ ହାର୍ବର
- ଗରିବ ଲୋକଙ୍କ ପାଇଁ ଫରେଷ୍ଟ ଫାର୍ମି
- ପ୍ରାଥମିକ ଶିକ୍ଷା ନିମନ୍ତେ ଅପରେସନ୍ ବ୍ଲାକ ବୋର୍ଡ଼
- ତାଳଚେରରେ ଏନଟିପିସି ତାପଜ ବିଦ୍ୟୁତ କେନ୍ଦ୍ର ପାଇଁ ପଦକ୍ଷେପ
- ମାଧ୍ୟମିକ ସ୍କୁଲରେ ଧନ୍ଦାମୂଳକ ଶିକ୍ଷା
- ଭୂମିହୀନ କୃଷି ଶ୍ରମିକଙ୍କ ପାଇଁ ଗୋଷ୍ଠୀ ବୀମା
- ହଜାରେ ଦିନରେ ହଜାରେ ଶିଳ୍ପ ଘୋଷଣା

## ୧୯୯୦-୨୦୦୦

- ବନ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ
- ୬୦ ବର୍ଷରୁ ଉର୍ଦ୍ଧ୍ୱ ଗରିବ ଚାଷୀଙ୍କୁ ପେନସନ
- ଗ୍ରାମ୍ୟ ଉନ୍ନୟନ, ଅଭିଯୋଗ ଶୁଣାଣୀ ଓ ସଂସଦୀୟ ବ୍ୟାପାର ବିଭାଗ ଗଠନ
- କୃଷିଭିତ୍ତିକ ଶିଳ୍ପ ଋଣ ଛାଡ଼
- ଖାଦ୍ୟ ସୁରକ୍ଷା ପାଇଁ ୨ ଟଙ୍କିଆ ଚାଉଳ ଯୋଜନା
- ବେକାରୀ ଭତ୍ତା ନେଇ ଘୋଷଣା
- ସର୍ବନିମ୍ନ ମଜୁରୀ ୨୫ ଟଙ୍କାକୁ ବୃଦ୍ଧି
- ବିଧବା ଭତ୍ତା ପାଇଁ ବୟସ ସୀମା ହଟିଲା
- କଳିଙ୍ଗ କୁଟୀର ଯୋଜନାରେ ଆର୍ଥିକ ଅନୁଦାନ
- ସରକାରୀ ଚାକିରୀରେ ମହିଳାଙ୍କୁ ୩୦% ସଂରକ୍ଷଣ
- ଜିଲ୍ଲା, ବ୍ଲକ, ପଞ୍ଚାୟତ ପୁନର୍ଗଠନ ଓ କ୍ଷମତା ଆବଣ୍ଟନ
- ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରୟ ଉପରେ ପ୍ରତିବନ୍ଧକ । ଯାହାଫଳରେ ସେ ସମୟରେ ୪୦ କୋଟିର ରାଜସ୍ୱ କ୍ଷତି ହୋଇଥିଲା
- ଇସ୍ପାତ ଶିଳ୍ପର ବିକାଶ ପାଇଁ ୧୩୦ କୋଟିର ଷ୍ଟିଲ ବଣ୍ଡ
- ନିଶ୍ଚିତ ନିଯୁକ୍ତି ଯୋଜନା
- ଡ୍ରପ ଆଉଟ ରୋକିବାକୁ ମିଡ଼ ଡ଼େ ମିଲ୍ ଯୋଜନା
- ରାଜ୍ୟ କୃଷି ନୀତି ଆରମ୍ଭ
- ଦରମା, ପେନସନ ଓ ସୁଧ ଖର୍ଚ୍ଚ ବୃଦ୍ଧି ଯୋଗୁଁ ରାଜସ୍ୱ ନିଅଣ୍ଟ ସ୍ଥିତି
- ପଞ୍ଚବ୍ୟାଧି ଚିକିତ୍ସା ପଦ୍ଧତି (ମାଲେରିଆ, କୁଷ୍ଠ, ଶ୍ୱାସରୋଗ, କୁଣ୍ଡିଆ ଓ ହଇଜା)
- ଗ୍ରାମୀଣ ପାଇପ୍ ଜଳ ଯୋଗାଣ, ପଞ୍ଚାୟତ ଓ ସହର ସୁରକ୍ଷା ସମିତି
- ରାଜ୍ୟ ଭିତରେ ସାମଗ୍ରୀ କ୍ରୟ ବିକ୍ରୟ ପାଇଁ ପ୍ରବେଶ କର ଲାଗୁ

**(ଏକବିଂଶ ଶତାବ୍ଦୀରେ ୨୫ଟି ବଜେଟ୍ ଉପସ୍ଥାପିତ ହୋଇସାରିଲେଣି । ତେବେ ଏସମ୍ପର୍କରେ ଅନେକ ଉଣା ଅଧିକେ ଜାଣିଛନ୍ତି । ଖାଲି ସେତିକିନୁହେଁ ସମୟ ଓ ସ୍ଥାନ ଅଭାବରୁ ଆମେ ସ୍ଥାନ ଦେଇପାରୁନାହୁଁ । ଆଗାମୀ ସଂସ୍କରଣରେ ଚେଷ୍ଟା କରିବୁ )**

ODIA WEEKLY ● GARVIT ODIA




## ଭାରତର ପ୍ରଥମ ବଜେଟ୍

୧୮୬୦ ଅପ୍ରେଲ ୭ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ପକ୍ଷରୁ ଜେମସ ୱିଲସନ ବ୍ରିଟିଶ ରାଜାଙ୍କ ନିକଟରେ ଭାରତର ପ୍ରଥମ ବଜେଟ୍ ଉପସ୍ଥାପନ କରିଥିଲେ। ଭାରତର ଭାଇସରାୟଙ୍କର ସେ ଥିଲେ ଆର୍ଥିକ ପରାମର୍ଶଦାତା । ସ୍କଟଲ୍ୟାଣ୍ଡର ଏହି ବ୍ୟବସାୟୀ, ଅର୍ଥନୀତିଜ୍ଞ ଓ ରାଜନୀତିଜ୍ଞ, ଷ୍ଟାଣ୍ଡାର୍ଡ଼ ଚାର୍ଟାର୍ଡ଼ ବ୍ୟାଙ୍କ ପ୍ରତିଷ୍ଠା କରିଥିଲେ ।

## ପ୍ରଥମ ଅର୍ଥମନ୍ତ୍ରୀ: ଆରକେ ସାନମୁଖମ

ଦେଶର ପ୍ରଥମ ଅର୍ଥମନ୍ତ୍ରୀ ହେଉଛନ୍ତି ଆରକେ ସାନମୁଖମ୍ ଚେଟି। କୋଚିନ ରାଜ୍ୟରର ଦେୱାନ ଥିବା ସାନମୁଖମ୍ ଜଣେ ବିଶିଷ୍ଟ ଶିଳ୍ପପତି ବି ଥିଲେ । ୧୯୪୭ ନଭେମ୍ବର ୨୬ରେ ସେ ସ୍ୱାଧୀନ ଭାରତର ପ୍ରଥମ ବଜେଟ୍ ଉପସ୍ଥାପନ କରିଥିଲେ ।

## ବଜେଟରୁ 'ବହିଖାତା'

୨୦୧୯ରେ ନିର୍ମଳା ସୀତାରମଣ ଔପନିବେଶିକ ବ୍ରିଫକେଶ ବଦଳରେ ନାଲି ବହିଖାତାର ବ୍ୟବହାର କରିଥିଲେ। ପାରମ୍ପରିକ ଭାବେ ଭାରତର ବ୍ୟବସାୟୀ ବା ଦୋକାନୀମାନେ ଏମିତି ବହିଖାତାରେ ହିଁ ହିସାବ କରୁଥିଲେ । ପରେ ତାହା ଡିଜିଟାଲର ରୂପ ନେଇଛି । ମଧ୍ୟଯୁଗୀୟ ପାଉଚ୍ ଏବେ ହାଇଟେକ ସ୍ଲେଟରେ ରୂପାନ୍ତରିତ ହୋଇଛି।

## ଚାଣକ୍ୟଙ୍କ ମହୁମାଛି ନୀତି

କୌଟିଲ୍ୟଙ୍କ ନୀତି ଅନୁଯାୟୀ, ରାଜା ମହୁମାଛି ଭଳି ଟିକସ ସଂଗ୍ରହ କରିବା ଦରକାର । ରାଜ୍ୟକୁ ଚଳାଇବା ପାଇଁ ଯେତିକି ରାଜସ୍ୱ ଦରକାର ସେତିକି ହିଁ ସଂଗୃହୀତ ହେବା ଉଚିତ୍ । ମହୁମାଛି ଯେମିତି ମହୁ ସଂଗ୍ରହ ବେଳେ ଫୁଲର କ୍ଷତି କରେନାହିଁ, ଠିକ୍ ସେମିତି ରାଜା ମଧ୍ୟ ରାଜସ୍ୱ ସଂଗ୍ରହ ବେଳେ ନାଗରିକ ରୂପକ ଫୁଲକୁ କ୍ଷତିଗ୍ରସ୍ତ କରିବା ଉଚିତ୍ ନୁହେଁ।

## ଆଧୁନିକ ବଜେଟର ପିତା

ବ୍ରିଟେନର ପ୍ରଥମ ପ୍ରଧାନମନ୍ତ୍ରୀ ସାର ରୋବର୍ଟ ୱାଲପୋଲଙ୍କୁ ଆଧୁନିକ ବଜେଟର ପିତା ବୋଲି କୁହାଯାଏ। ୧୭୩୩ରେ ସେ ବ୍ୟବସ୍ଥିତ ଭାବେ ସରକାରଙ୍କ ରାଜସ୍ୱ ଆଦାୟ ଓ ବ୍ୟୟ ଅଟକଳ ଯୋଜନାକୁ ଉପସ୍ଥାପିତ କରିଥିଲେ।




## ଓଡ଼ିଶାର ଅର୍ଥମନ୍ତ୍ରୀ

କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ
୧୯୩୭
ବିଶ୍ୱନାଥ ଦାସ
୧୯୩୭-୩୯, ୧୯୭୧-୭୨
ଗୋଦାବରୀଶ ମିଶ୍ର
୧୯୪୧-୧୯୪୪
ହରେକୃଷ୍ଣ ମହତାବ
୧୯୪୬-୧୯୫୦, ୧୯୫୬-୧୯୫୯
ନବକୃଷ୍ଣ ଚୌଧୁରୀ
୧୯୫୦-୫୨
ରାଧାନାଥ ରଥ : ୧୯୫୨-୫୬
ଆରଏନ ସିଂହଦେଓ
୧୯୫୯-୬୧, ୧୯୬୭-୭୧
ବିଜୁ ପଟ୍ଟନାୟକ
୧୯୬୧-୧୯୬୩, ୧୯୯୦-୧୯୯୧
ବିରେନ ମିତ୍ର
୧୯୬୩-୬୫
ସଦାଶିବ ତ୍ରିପାଠୀ
୧୯୬୫-୬୭
ପ୍ରହ୍ଲାଦ ମଲ୍ଲିକ
୧୯୬୫-୬୭
କାର୍ତ୍ତିକ ଚନ୍ଦ୍ର ମାଝୀ
୧୯୬୭-୬୯
ଯଦୁନାଥ ଦାସ ମହାପାତ୍ର
୧୯୭୨, ୧୯୭୬
ବାଙ୍କବିହାରୀ ଦାସ
୧୯୭୨-୭୩
ବିନାୟକ ଆଚାର୍ଯ୍ୟ
୧୯୭୪-୭୬, ୧୯୭୬-୭୭
ଜଗନ୍ନାଥ ପଟ୍ଟନାୟକ
୧୯୭୬-୭୭
ରାମ ପ୍ରସାଦ ମିଶ୍ର
୧୯୭୭-୮୦
ରଘୁନାଥ ପଟ୍ଟନାୟକ
୧୯୮୦-୮୫, ୧୯୯୯
ଜାନକୀ ବଲ୍ଲଭ ପଟ୍ଟନାୟକ
୧୯୮୫, ୧୯୮୬-୮୭, ୧୯୯୮-୯୯
ଗଙ୍ଗାଧର ମହାପାତ୍ର
୧୯୮୫-୮୬, ୧୯୮୯-୯୦
ଯୁଗଳ କିଶୋର ପଟ୍ଟନାୟକ
୧୯୮୭-୮୯
ରାମକୃଷ୍ଣ ପଟ୍ଟନାୟକ
୧୯୯୦, ୨୦୦୦-୦୨
ବେଦପ୍ରକାଶ ଅଗ୍ରୱାଲ
୧୯୯୧-୯୫
ବସନ୍ତ କୁମାର ବିଶ୍ୱାଳ
୧୯୯୫-୯୮
ଭାଗବତ ମହାନ୍ତି
୧୯୯୯-୨୦୦୦
ନବୀନ ପଟ୍ଟନାୟକ
୨୦୦୨-୦୪
ପଞ୍ଚାନନ କାନୁନଗୋ
୨୦୦୨-୦୪ (ରାଷ୍ଟ୍ରମନ୍ତ୍ରୀ)
ପ୍ରଫୁଲ୍ଲ ଘଡ଼ାଇ
୨୦୦୪-୧୨
ପ୍ରସନ୍ନ ଆଚାର୍ଯ୍ୟ
୨୦୧୨-୧୪
ପ୍ରଦୀପ ଅମାତ
୨୦୧୪-୧୭
ଶଶୀଭୂଷଣ ବେହେରା
୨୦୧୭-୧୯
ନିରଞ୍ଜନ ପୂଜାରୀ
୨୦୧୯-୨୪
ବିକ୍ରମ କେଶରୀ ଆରୁଖ
୨୦୨୪ ଅନ୍ତରିଣ ବଜେଟ
ମୋହନ ଚରଣ ମାଝୀ
୨୦୨୪ ଜୁନରୁ

ଗର୍ବିତ ଓଡ଼ିଆ

## କେଉଁ ଆର୍ଥିକ ବର୍ଷରେ କେତେ (କୋଟି)

| | | | |
|---|---|---|---|
| ୧୯୩୬-୩୭ | ୧.୭୭ | ୧୯୮୨-୮୩ | ୧୧୨୮.୫୮ |
| ୧୯୩୭-୩୮ | ୧.୮୭ | ୧୯୮୩-୮୪ | ୧୩୪୧.୪୪ |
| ୧୯୩୮-୩୯ | ୧.୯୭ | ୧୯୮୪-୮୫ | ୧୬୦୮.୧୪ |
| ୧୯୩୯-୪୦ | ୨.୦୬ | ୧୯୮୫-୮୬ | ୧୮୮୫.୭୭ |
| ୧୯୪୦-୪୧ | ୨.୦୩ | ୧୯୮୬-୮୭ | ୧୯୧୨.୯୪ |
| ୧୯୪୧-୪୨ | ୧.୯୪ | ୧୯୮୭-୮୮ | ୨୩୩୩.୦୮ |
| ୧୯୪୨-୪୩ | ୨.୦୪ | ୧୯୮୮-୮୯ | ୨୭୦୦.୮୪ |
| ୧୯୪୩-୪୪ | ୨.୨୪ | ୧୯୮୯-୯୦ | ୩୩୩୮.୭୨ |
| ୧୯୪୪-୪୫ | ୪.୧୫ | ୧୯୯୦-୯୧ | ୪୦୯୩.୨୩ |
| ୧୯୪୫-୪୬ | ୪.୧୧ | ୧୯୯୧-୯୨ | ୪୭୨୭.୪୭ |
| ୧୯୪୬-୪୭ | ୬.୯୪ | ୧୯୯୨-୯୩ | ୫୧୫୫.୫ |
| ୧୯୪୭-୪୮ | ୯.୫୭ | ୧୯୯୩-୯୪ | ୫୫୨୯.୮୬ |
| ୧୯୪୮-୪୯ | ୧୧.୨୬ | ୧୯୯୪-୯୫ | ୬୪୩୩.୮୮ |
| ୧୯୪୯-୫୦ | ୧୮.୦୭ | ୧୯୯୫-୯୬ | ୬୮୦୨.୬୯ |
| ୧୯୫୦-୫୧ | ୧୭.୫୮ | ୧୯୯୬-୯୭ | ୭୩୯୦.୫୯ |
| ୧୯୫୧-୫୨ | ୨୫.୫୩ | ୧୯୯୭-୯୮ | ୮୪୬୮.୩ |
| ୧୯୫୨-୫୩ | ୨୯.୭୬ | ୧୯୯୮-୯୯ | ୧୦୫୧୫.୬୬ |
| ୧୯୫୩-୫୪ | ୩୧.୯୨ | ୧୯୯୯-୦୦ | ୧୧୮୦୧.୦୯ |
| ୧୯୫୪-୫୫ | ୩୪.୧ | ୨୦୦୦-୦୧ | ୧୩୬୦୪.୫୮ |
| ୧୯୫୫-୫୬ | ୪୮.୩୩ | ୨୦୦୧-୦୨ | ୧୪୭୬୮.୭୩ |
| ୧୯୫୬-୫୭ | ୪୯.୮୭ | ୨୦୦୨-୦୩ | ୧୫୬୬୫.୦୮ |
| ୧୯୫୭-୫୮ | ୪୭.୯୮ | ୨୦୦୩-୦୪ | ୧୬୮୬୩.୩୩ |
| ୧୯୫୮-୫୯ | ୫୨.୯୨ | ୨୦୦୪-୦୫ | ୧୯୬୯୯.୯୧ |
| ୧୯୬୦-୬୧ | ୫୯.୨୧ | ୨୦୦୫-୦୬ | ୧୮୪୬୪.୨ |
| ୧୯୬୧-୬୨ | ୭୩.୮୬ | ୨୦୦୬-୦୭ | ୧୯୫୫୩.୫୮ |
| ୧୯୬୨-୬୩ | ୮୬.୦୧ | ୨୦୦୭-୦୮ | ୨୩୫୧୧.୫୯ |
| ୧୯୬୩-୬୪ | ୧୦୩.୬୩ | ୨୦୦୮-୦୯ | ୨୭୯୪୮.୪୯ |
| ୧୯୬୪-୬୫ | ୧୩୨.୫୬ | ୨୦୦୯-୧୦ | ୩୮୯୯୬.୭୨ |
| ୧୯୬୫-୬୬ | ୧୪୪.୭୧ | ୨୦୧୦-୧୧ | ୩୮୯୯୬.୭୨ |
| ୧୯୬୬-୬୭ | ୧୫୬.୦୩ | ୨୦୧୧-୧୨ | ୪୪୮୭୮.୯୭ |
| ୧୯୬୭-୬୮ | ୧୭୪.୧୧ | ୨୦୧୨-୧୩ | ୫୨୦୩୦.୭ |
| ୧୯୬୮-୬୯ | ୧୭୮.୭୮ | ୨୦୧୩-୧୪ | ୬୦୩୦୩.୦୮ |
| ୧୯୬୯-୭୦ | ୧୯୫.୫୪ | ୨୦୧୪-୧୫ | ୮୦୧୩୯.୫୯ |
| ୧୯୭୦-୭୧ | ୨୧୮.୪୮ | ୨୦୧୫-୧୬ | ୮୪୪୮୭.୭୭ |
| ୧୯୭୧-୭୨ | ୨୩୪.୨୬ | ୨୦୧୬-୧୭ | ୯୪୦୫୨.୬୫ |
| ୧୯୭୨-୭୩ | ୨୫୯.୧୫ | ୨୦୧୭-୧୮ | ୧୦୬୯୧୦.୮୭ |
| ୧୯୭୩-୭୪ | ୩୦୧.୨୯ | ୨୦୧୮-୧୯ | ୧୨୦୦୨୮ |
| ୧୯୭୪-୭୫ | ୩୧୮.୮୮ | ୨୦୧୯-୨୦ | ୧୩୯୦୦୦ |
| ୧୯୭୫-୭୬ | ୩୭୦.୦୪ | ୨୦୨୦-୨୧ | ୧୫୦୦୦୦ |
| ୧୯୭୬-୭୭ | ୪୬୧.୩ | ୨୦୨୧-୨୨ | ୧୭୦୦୦୦ |
| ୧୯୭୭-୭୮ | ୫୭୦.୪୬ | ୨୦୨୨-୨୩ | ୨୦୦୦୦୦ |
| ୧୯୭୮-୭୯ | ୭୦୬.୧୩ | ୨୦୨୩-୨୪ | ୨୩୦୦୦୦ |
| ୧୯୭୯-୮୦ | ୭୨୮.୫୪ | ୨୦୨୪-୨୫ | ୨୬୫୦୦୦ |
| ୧୯୮୦-୮୧ | ୭୬୮.୭୮ | ୨୦୨୫-୨୬ | ୨୯୦୦୦୦ |
| ୧୯୮୧-୮୨ | ୮୧୦.୬ | | |

# ରାଜ୍ୟପାଳ ଶାସନ

୧୯୪୦-୪୧ର ବଜେଟ୍ : ରାଜ୍ୟରେ ରାଜ୍ୟପାଳ ଶାସନ ଜାରି ହୋଇଥିଲା । ରାଜ୍ୟପାଳ ଜନ୍ ଅଷ୍ଟିନ୍ ହବାକ୍‌ଙ୍କ ଅମଳରେ ପଞ୍ଚମ ବଜେଟ୍ ପାରିତ ହୋଇଥିଲା ।

୧୯୪୫-୪୬ ବଜେଟ୍ ବେଳେ ରାଜ୍ୟରେ ରାଜ୍ୟପାଳ ଶାସନ ଜାରି ହୋଇଥିଲା । ସେ ସମୟରେ ରାଜ୍ୟପାଳ ଥିଲେ ୱିଲିୟମ୍ ହାଓ୍ୱାର୍ଥୋର୍ନ ଲିଁୱିସ୍ ।

୧୯୭୩-୭୪ ବଜେଟ୍ ବେଳେ ରାଜ୍ୟପାଳ ଶାସନ ଜାରି ହୋଇଥିଲା । ସେହି ସମୟରେ ବିଡି ଜତି ଥିଲେ ରାଜ୍ୟପାଳ ।

# ୨୧ ମାସ, ୨୧ ସଂକଳ୍ପ

**ଅପ୍ରେଲ ପହିଲାରୁ କାର୍ଯ୍ୟକାରୀ ହେବ ୨୦୨୬-୨୭ ବଜେଟ୍ । ଅତଏବ ୨୦୨୪ ଜୁନ୍‌ରେ ମୋହନ ସରକାର ଗଢ଼ା ହୋଇଥିବାବେଳେ ଅପ୍ରେଲରେ ତାହା ୨୧ ମାସ ଛୁଇଁଥିବ । ୨୧ ମାସର ସରକାରଙ୍କ ଫୋକସରେ ରହିଛି ୨୧ ସଂକଳ୍ପ । ଚବିଶ ନିର୍ବାଚନ ବେଳେ ଲୋକଙ୍କ ପାଇଁ ବିଜେପି ୨୧ ସଂକଳ୍ପ ପତ୍ର ଜାରି କରିଥିଲା । ଯାହାକୁ ପୂରଣ କରିବା ପାଇଁ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ ।**

- ଦୁର୍ନୀତିପ୍ରତି ଶୂନ୍ୟ ସହନଶୀଳତା ନୀତି
- ସମୃଦ୍ଧ କୃଷକ ନୀତି : ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା
- ସୁଭଦ୍ରା ଯୋଜନା : ମହିଳାଙ୍କୁ ୫୦ ହଜାର ନଗଦ ଭାଉଚର, ଯାହାକି ୨ ବର୍ଷ ମଧ୍ୟରେ ଖର୍ଚ୍ଚ କରାଯାଇପାରିବ
- ସବୁ ମେଟ୍ରୋ ସହରରେ ଓଡ଼ିଆ ସମୁଦାୟ ଭବନ
- ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି
- ମତ୍ସ୍ୟଜୀବୀଙ୍କୁ ଅଣ-ଉତ୍ପାଦନ ସମୟରେ ୧୦ ହଜାର ଲେଖାଏଁ ସହାୟତା
- ୭୫ ହଜାର କିମି ରାସ୍ତା ନିର୍ମାଣ
- ଅଣସଂଗଠିତ ଶ୍ରମିକଙ୍କୁ ୫ ଲକ୍ଷ ବୀମା
- ଓଡ଼ିଆରେ ଆଇନ୍, ମେଡ଼ିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମର ପ୍ରଚଳନ
- ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ । ପ୍ରଥମ ୨ ବର୍ଷରେ ୬୫ ହଜାର ପଦ ପୂରଣ
- ପିଏମ ଆବାସ ଯୋଜନାରେ ୧୫ ଲକ୍ଷ ଗୃହ ନିର୍ମାଣ
- ଶ୍ରୀମନ୍ଦିରରେ ହିନ୍ଦୁ ଭକ୍ତଙ୍କ ପ୍ରତି ହେଉଥିବା ଅନ୍ୟାୟର ବିଚାର କରିବୁ
- ବୁଣାକାରଙ୍କ ଜୀବିକାକୁ ଉନ୍ନତ କରିବୁ । ଟେକ୍ସଟାଇଲ୍ ପାର୍କ ହେବ
- ୨୦୨୯ ସୁଦ୍ଧା ସାଢ଼େ ୩ ଲକ୍ଷ ନିଯୁକ୍ତି । ଶିଳ୍ପ କରିଡ଼ର, ଆଇଟି ପାର୍କ ପ୍ରତିଷ୍ଠା
- ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବୁ
- କେନ୍ଦୁପତ୍ର ତୋଳାଳୀ କଲ୍ୟାଣ ଯୋଜନା : କ୍ୟାରୀ ପିଛା ୨ ଟଙ୍କାରେ କିଣିବୁ, ତୋଳାଳୀଙ୍କୁ ୩୫% ଓ ବନ୍ଧାଳୀଙ୍କୁ ୧୦% ବୋନସ
- ସହିଦ୍ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାରେ ପିଲାଙ୍କୁ ୫ ହଜାର ଟଙ୍କାର ସହାୟତା ରାଶି
- ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ୩ ହଜାର ଟଙ୍କାର ଭତ୍ତା
- ମିସନ୍ ସ୍ୱାସ୍ଥ୍ୟ ଓଡ଼ିଶା ଯୋଜନାରେ ୩୬ ହଜାର ଶଯ୍ୟା, ପ୍ରତି ଜିଲ୍ଲାରେ ମେଡ଼ିକାଲ କଲେଜ ଓ ସୁପର ସ୍ପେଶିଆଲିଷ୍ଟ ହସପିଟାଲ୍
- ପର୍ଯ୍ୟଟକ ଆଗମନରେ ଓଡ଼ିଶା ହେବ ଭାରତର ତୃତୀୟ ରାଜ୍ୟ
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ମାଗଣା ବିଜୁଳି

**୧୮ ମାସରେ ଚିଟଫଣ୍ଡ ସ୍କାମ୍‌ରେ ଅଟକିଥିବା କ୍ଷୁଦ୍ର ନିବେଶକଙ୍କ ଟଙ୍କା ଫେରାଇବୁ । ଯାହାକି ଏଯାବତ୍ ହୋଇପାରିନାହିଁ ।**

**କଟନୀଛଟନୀ ବ୍ୟବସ୍ଥା ସମାପ୍ତ ହୋଇପାରିଲାନି**

**ସୁଭଦ୍ରା ଯୋଜନାରେ ୨ ବର୍ଷରେ ୫୦ ହଜାର ବଦଳରେ ୫ ବର୍ଷରେ ୫୦ ହଜାର ମିଳିବ**

**ସମସ୍ତଙ୍କ ଭତ୍ତା ୩ ହଜାର କରିବେ ବୋଲି କହିଥିଲେ । ଏବେ କିନ୍ତୁ ୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ମିଳୁଛି**

**ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏଯାଏଁ ସଫଳ ହୋଇନି**

ODIA WEEKLY GARVIT ODIA



**ବାଂଲାରେ ବଦଳିଲା ୩୬ ବର୍ଷର ଇତିହାସ**

# 'ଯୁଦ୍ଧବନ୍ଦୀ'ରୁ ପ୍ରଧାନମନ୍ତ୍ରୀ

ଆଜିକାଲି ବାଂଲାଦେଶ ଜଳୁଛି। ଭାରତକୁ ଛାଡ଼ି ଏବେ ପାକିସ୍ତାନ ପ୍ରେମରେ ପଡ଼ିଛି। ଏସବୁ ଭିତରେ ସରିଛି ବାଂଲାଦେଶ ନିର୍ବାଚନ। ବାଂଲାଦେଶ ନାସନାଲ ପାର୍ଟି ବୃହତ୍ ବିଜୟ ହାସଲ କରିଛି। ଏହାର ନେତା ତାରିକ୍ ରହମନ ହୋଇଛନ୍ତି ବାଂଲାଦେଶର ପ୍ରଧାନମନ୍ତ୍ରୀ । ଦୀର୍ଘ ୩୬ ବର୍ଷ ପରେ ବାଂଲାଦେଶ ପୁରୁଷ ପ୍ରଧାନମନ୍ତ୍ରୀଙ୍କୁ ଦେଖିଛି । ନଚେତ୍ ବାଂଲାଦେଶ ରାଜନୀତି ଖାଲିଦା ଜିଆ ଓ ସେଖ୍ ହାସିନାଙ୍କ ଚାରିପଟେ ହିଁ ବୁଲୁଥିଲା ।

ତାରିକ୍ ହେଉଛନ୍ତି ପୂର୍ବତନ ରାଷ୍ଟ୍ରପତି ଜିଆଉର ରହମାନଙ୍କ ପୁଅ। ଯିଏକି ୧୯୭୮ରେ ବିଏନପି ପ୍ରତିଷ୍ଠା କରିଥିଲେ । ତାରିକଙ୍କ ମାଆ ଖାଲିଦା ଜିଆ ବି ପ୍ରଧାନମନ୍ତ୍ରୀ ଥିଲେ । ୧୯୭୧ ମୁକ୍ତିଯୁଦ୍ଧ ସମୟରେ ତାରିକ ମଧ୍ୟ ଯୁଦ୍ଧବନ୍ଦୀ ଭାବେ ଅଟକ ରହିଥିଲେ। ଏମିତିକି ବିଏନପି ତାଙ୍କୁ ସର୍ବକନିଷ୍ଠ ଯୁଦ୍ଧ ବନ୍ଦୀ ବୋଲି କହେ। ୧୯୮୧ରେ ଜିଆଉରଙ୍କୁ ହତ୍ୟା କରାଯାଇଥିଲା। ମାଆ ଖାଲିଦା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହେବାପରେ ତାରିକ କି ରାଜନୀତିକୁ ପାଖରୁ ଦେଖିଥିଲେ। ତେବେ ଶେଖ ହାସିନା ସରକାର ଗଢ଼ିବା ପରେ ନିଜର ସୁରକ୍ଷା ପାଇଁ ସେ ବ୍ରିଟେନ୍ ପଳାଇଥିଲେ। କିନ୍ତୁ ହସିନାଙ୍କ ପତନ ପରେ ପୁଣି ବାଂଲାଦେଶରେ ବିଏନପି ରାଜ୍ ଆରମ୍ଭ ହୋଇଯାଇଛି। ସମ୍ପ୍ରତି ବାଂଲାଦେଶର ଚରମ ରାଜନୀତିକ ସ୍ଥିତି ତାଙ୍କ ପାଇଁ ବଡ଼ ଆହ୍ୱାନ । ଖାଲି ସେତିକିନୁହେଁ ବିପଦର ବନ୍ଧୁ ଭାରତ ପ୍ରତି ବାଂଲାଦେଶ ଶତ୍ରୁତା ଆଚରଣ ଆରମ୍ଭ କରିଦେଇଛି। ତେଣୁ ତାରିକ ପାକର ନିକଟତର ହେବେ ନା ଭାରତର, ଯାହା ଉପରେ ହିଁ ବାଂଲାଦେଶର ଭବିଷ୍ୟତ ନିର୍ଭର କରିବ ।

**ସାଇଲେଣ୍ଟ ମୋଡ୍‌ରେ ବଲାଙ୍ଗୀର କଂଗ୍ରେସ**

# ନରସିଂହଙ୍କ ବିନା ଉଠିପାରୁନି ହାତ !

**ବଲାଙ୍ଗୀରରୁ ଜ୍ୟୋତ୍ସ୍ନା**

ବଲାଙ୍ଗୀରରେ କଂଗ୍ରେସ ଏବେ ସାଇଲେଣ୍ଟ ମୋଡ୍‌ରେ ରହିଛି। ପୂର୍ବରୁ ବିଜେଡ଼ିର ଦବଦବା ଓ ଏବେ ବିଜେପିର ପତିଆରା ଭିତରେ ସତେଯେମିତି କଂଗ୍ରେସ ସ୍ୟାଣ୍ଡୱିଚ୍ ହୋଇଯାଇଛି। ଏବେ ବଲାଙ୍ଗୀର କଂଗ୍ରେସର ଦୁଇ ଟାଣୁଆ ନେତା ହେଉଛନ୍ତି ନରସିଂହ ମିଶ୍ର ଓ ସନ୍ତୋଷ ସିଂ ସାଲୁଜା । ଉଭୟଙ୍କ ମଧ୍ୟରେ କିନ୍ତୁ ସମ୍ପର୍କ ଭାରି ତିକ୍ତ । ସାଲୁଜା ବିଭିନ୍ନ ପ୍ରସଙ୍ଗରେ ମିଡ଼ିଆରେ ମୁହଁ ଦେଖାଉଥିବାବେଳେ ନରସିଂହ କିନ୍ତୁ ମଉନ ବ୍ରତ ଅବଲମ୍ବନ କରିଛନ୍ତି। ଯେଉଁଥିପାଇଁ ବଲାଙ୍ଗୀରରେ ଏବେ କଂଗ୍ରେସ ଚଳଚଞ୍ଚଳ ହୋଇପାରୁନାହିଁ ।

ଏବେ ଟିକେ ୨୦୨୪ ନିର୍ବାଚନ ଉପରେ ନଜର ବୁଲାଇ ଆଣିବା। ଲୋଇସିଂହାରୁ କଂଗ୍ରେସ ଟିକେଟ୍‌ରେ ଲଢ଼ିଥିଲେ ଓମ ପ୍ରକାଶ କୁମ୍ଭାର। ତାଙ୍କୁ ୩୨୨୪୯ ଖଣ୍ଡ ଭୋଟ୍ ମିଳିଥିଲା। ପାଟଣାଗଡ଼ରେ କଂଗ୍ରେସ ପ୍ରାର୍ଥୀ ଅନୀଲ ମେହେରଙ୍କୁ ମିଳିଥିଲା ୨୬୫୪୯ ଖଣ୍ଡ ଭୋଟ୍। ବଲାଙ୍ଗୀରରୁ ଲଢ଼ି ସମରେନ୍ଦ୍ର ମିଶ୍ର ପାଇଥିଲେ ୭୧୮୫୬ ଭୋଟ୍। ଟିଟିଲାଗଡ଼ରେ ବୀରେନ୍ଦ୍ର ବାଗ୍ ପାଇଥିଲେ ୧୮ ହଜାର ଭୋଟ୍। କଣ୍ଟାବାଞ୍ଜିରେ ସନ୍ତୋଷ ସିଂ ସାଲୁଜା ପାଇଥିଲେ ପ୍ରାୟ ୨୭ ହଜାର ଭୋଟ୍। ବଲାଙ୍ଗୀର ଲୋକସଭା ଆସନରୁ କଂଗ୍ରେସ ନେତା ମନୋଜ ମିଶ୍ରଙ୍କୁ ମିଳିଥିଲା ୨ ଲକ୍ଷ ୩୦ ହଜାର ଭୋଟ୍। ଏହାହେଉଛି କଂଗ୍ରେସର ପରିସଂଖ୍ୟାନ। ଏହି ସଂଖ୍ୟା ଏତେ ଦୁର୍ବଳ ନୁହେଁ। ଅନ୍ୟ ଜିଲ୍ଲାଗୁଡ଼ିକରେ କଂଗ୍ରେସର ସ୍ଥିତି ଏହାର ଅଧା ବି ନୁହେଁ । ବଲାଙ୍ଗୀରରେ କଂଗ୍ରେସ ଉଠିବାର ସୁଯୋଗ ରହିଛି, ତଥାପିବି କଂଗ୍ରେସ ଦିନକୁ ଦିନ ଦୁର୍ବଳ ହେବାର କାରଣ କ'ଣ? ଏହାର ଏକମାତ୍ର କାରଣ ହେଉଛି ନା ପିସିସି ବଲାଙ୍ଗୀର ଉପରେ ଧ୍ୟାନ ଦେଉଛି ନା ସ୍ଥାନୀୟ ନେତା ସଂଗଠନ ପାଇଁ ଅଣ୍ଟା ଭିଡୁଛନ୍ତି? ପାଠକଙ୍କର ମନେଥିବ ରାଜ୍ୟ ନେତୃତ୍ୱ ଗୁରୁତ୍ୱ ଦେଉନଥିବାରୁ କିଛିଦିନ ତଳେ ନରସିଂହ କ୍ଷୋଭ ପ୍ରକାଶ କରିଥିଲେ । ତେବେ ସେ ଯାହାହେଉନା କାହିଁକି, ନରସିଂହଙ୍କ ଗର୍ଜନ ପରେ ତାଙ୍କ ଘରେ ପହଁଚିବାକୁ ବାଧ ହୋଇଥିଲେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ପୂର୍ବତନ ସଭାପତି ଜୟଦେବ ଜେନା । ରାଜ୍ୟ ରାଜନୀତି ଓ କଂଗ୍ରେସର ସଂଗଠନକୁ ନେଇ ଦୁଇ ନେତା



ନରସିଂହଙ୍କ ଠାରୁ ପରାମର୍ଶ ବି ନେଇଥିଲେ । ରାଜ୍ୟସଭା ନିର୍ବାଚନ ନେଇ ବି ଆଲୋଚନା ହୋଇଥିଲା ।

ତେବେ ସେ ଯାହାହେଉନା କାହିଁକି ନରସିଂହ ଓ ସମରେନ୍ଦ୍ର ନିକଟରେ ବନ୍ଧୁମିଳନ ଆଳରେ କଂଗ୍ରେସ ନେତାମାନଙ୍କୁ ଏକାଠି କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସଜବାଜ ହେବାକୁ ସେମାନେ ଆହ୍ୱାନ ଦେଇଛନ୍ତି। ବିଶେଷକରି ବ୍ୟବସାୟ କାରଣରୁ ସମରେନ୍ଦ୍ର ପୂର୍ବରୁ ସମୟ ଦେଇପାରୁନଥିଲେ। ନିଜେ ନରସିଂହ ବି ଏହା ସ୍ୱୀକାର କରିଛନ୍ତି। କିନ୍ତୁ ଏହି ବନ୍ଧୁମିଳନରୁ ବଲାଙ୍ଗୀରରେ କଂଗ୍ରେସ ସଂଗଠନ ଚଳଚଞ୍ଚଳ ହେବବୋଲି ଆଶା କରାଯାଉଛି। ଏବେ ବଲାଙ୍ଗୀରରେ କଳିକେଶ ସିଂହଦେଓ ବିଧାୟକ ଥିବାବେଳେ ସରକାରକୁ ଆସିବା ପରେ ବିଜେପିବି ମଜବୁତ୍ ହେଉଥିବା ଲକ୍ଷ୍ୟ କରାଯାଉଛି। ଏବେଠୁ ଯଦି ସମରେନ୍ଦ୍ର ସଂଗଠନକୁ ମଜବୁତ କରିବେ ତେବେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଯୋଗୁଁ ୨୦୨୯ରେ ତାଙ୍କ ପାଇଁ ସୁଯୋଗ ସୃଷ୍ଟିହୋଇପାରିବ । ଅଣକଂଗ୍ରେସ ଭୋଟ୍ ବିଭାଜନ ହେଲେ କଂଗ୍ରେସ ହିଁ ଫାଇଦା ନେଇପାରିବ ।

ଗର୍ବିତ ଓଡ଼ିଆ



**ଛାତ୍ର ରାଜନୀତିରୁ ଏଯାଏଁ..., ଚାରି ଦଶନ୍ଧି ଧରି ରାଜନୀତି ରାସ୍ତାରେ ଅବିରତ ଚାଲିଛନ୍ତି । ଫୁରସତ ପାଇଲେ, 'ବେହାଲ ବର୍ଷା'ରେ ଭିଜିଛନ୍ତି ନହେଲେ 'ଶୀତୁଆ ସଂଧ୍ୟା'ରେ ଥରିଛନ୍ତି । ବେଳେବେଳେ ଜନତା, ରାଜନୀତି, ଦଳର ହାଲ୍ ଦେଖି 'ପୀଡ଼ା' ବି ଅନୁଭବ କରୁଛନ୍ତି। ବିଜେଡ଼ି ପାୱାରରେ ଥିବାବେଳେ ସେ ଯେମିତି ଚର୍ଚ୍ଚାରେ ଥିଲେ, ଏବେ ଦଳ ପାୱାରରେ ନଥିଲେବି ଅମଡ଼ାବାଟରେ ଚାଲି ଆହୁରି ଚର୍ଚ୍ଚିତ । ଅବଶ୍ୟ, ତାଙ୍କଠୁ ମରମ କଥା ଆଦାୟ କରିବା ଭାରି ମୁସ୍କିଲ୍ । ସତେଯେମିତି ତୁଣ୍ଡରେ ତାଙ୍କର ଫିଲଟର ଥାଏ । ମାପିଚୁପି, ଭାଗମାପ ଦେଖି କହିବାର ଅନନ୍ୟ କଳାରେ ମାହିର । ତଥାପିବି ବୁଲେଇ ବାଙ୍କେଇ ଯେତିକି କଥା ଆଦାୟ କରିଛୁ, ସେତିକି ପରସିଦେଇଛୁ ।**



# ମୁଁ ଅମାନିଆ ନୁହେଁ: ଅରୁଣ

**? ଆଜ୍ଞା, ନମସ୍କାର । ଆମର ଛୋଟିଆ କାଗଜ, ଜାଗା କମ୍ । ସିଧା ପଏଣ୍ଟ ଟୁ ପଏଣ୍ଟ । ଡବଲ ଇଞ୍ଜିନ୍ ସରକାରରେ ଓଡ଼ିଶା କେତେ ସ୍ପିଡ଼ରେ ଯାଉଛି ?**

ଡବଲ ଇଞ୍ଜିନ୍, ଗୋଟିଏ ଫମ୍ପା ସ୍ଲୋଗାନ୍। ଏହା ଶୁଣିବାକୁ ଶ୍ରୁତିମଧୁର, କିନ୍ତୁ ତା'ର ମାନେ କିଛି ନାହିଁ । ଖାଲି ଲୋକଙ୍କ ମନ ଛୁଇଁବା ଭଳି ଏମିତି ଏକ ନାରା ଦେଉଛନ୍ତି। କିନ୍ତୁ ବାସ୍ତବ କଥାଟି ହେଉଛି, ପୂର୍ବାପେକ୍ଷା କେନ୍ଦ୍ର ବଜେଟ୍‌ରେ ଆମର ହକ୍ କମିଛି। ତୁଳନାତ୍ମକ ଭାବେ କମ୍ ପାଉଛୁ। ସେହିପରି କେନ୍ଦ୍ର ଓ ରାଜ୍ୟ ବଜେଟ୍‌ରେ ଯେତିକି ଆବଣ୍ଟନ ହେବା କଥା ହେଉଛି । ବିଜେପି ୨୦ ରାଜ୍ୟରେ ଶାସନ କରୁଛି। ଆଉ କୋଉ ରାଜ୍ୟର ଟଙ୍କା କାଣ୍ଟଛାଣ୍ଟ କରି ଓଡ଼ିଶାକୁ କେନ୍ଦ୍ର ଦେଉଛି କି ? ଡବଲ ଇଞ୍ଜିନ ଅଜାଡ଼ିବା ଦୂରରେ ଥାଉ, ଉଜାଡ଼ିବାରେ ଲାଗିଗଲେଣି । ୨୦ ମାସରେ ସରକାର ବ୍ୟାକ୍ ଗିଅରରେ ଚାଲୁଛି, ଡବଲ ଇଞ୍ଜିନ୍ ଗାଡ଼ି ଏବେ ପଛକୁ ପଛ ଯାଉଛି ।

**? ହେଲେ ବିଜେପି କହୁଛି, ବିଜେଡ଼ିରେ ଏବେ କ୍ଷମତା କଳି ଚାଲିଥିବାରୁ ତାଙ୍କ ଦଳ ପଛକୁ ପଛକୁ ଚାଲୁଛି, ବିଜେପି ଏବେ ମାଡ଼ିଚାଲିଛି । ଆପଣଙ୍କ ଦଳର ନେତା କର୍ମୀ ସବୁ ଡିଆଁ ମାରି ପଦ୍ମପୋଖରୀରେ ବୁଡ଼ ପକାଇଲେଣି ।**

ସରକାରରୁ ଯିବା ପରେ ମନଦୁଃଖ ହୋଇଛି, ଆମ କର୍ମୀମାନେ ବି ଭାଙ୍ଗି ପଡ଼ିଥିଲେ । ହେଲେ କୋଡ଼ିଏ ମାସରେ ବିଜେପି ସରକାର ଓ ଦଳ ଏବେ ଖାଲି ଅନ୍ଧାରରେ ବାଡ଼ି ବୁଲାଉଛନ୍ତି । ମନମୁଖୀ ଶାସନ ଯୋଗୁଁ ଜନ ଆକ୍ରୋଶ ବଢ଼ିବାରେ ଲାଗିଲାଣି । ମଇଁଷି ଶିଙ୍ଘ ଫଟା, ଯୁଝିଲା ବେଳକୁ ଗୋଟା । ସେଇ ନ୍ୟାୟରେ ବିଜେଡ଼ି ଏବେ ଏକାଠି ହୋଇ ସରକାରଙ୍କ ବିରୋଧରେ ଲଢୁଛି । ପ୍ରତି ଜିଲ୍ଲାରେ ଆମେ ମିଳିତ ଭାବେ ଧାରଣା ଓ ବିକ୍ଷୋଭ କରୁଛୁ । ବିଜେଡ଼ି ଏବେ ରାଜରାସ୍ତାରେ ଲୋକଙ୍କ ହକ୍ ପାଇଁ ଲଢୁଥିବାବେଳେ, ବିଜେପି ପାର୍ଟି ଅଫିସ ଭିତରେ ହିଁ ସୀମିତ ରହିଛି ।

**? ଆପଣଙ୍କ ଦଳର ରଣନୀତି ଭାରି ଆଶ୍ଚର୍ଯ୍ୟଜନକ। ବିଜେଡ଼ି ଏବେ ମୋହନ ସରକାରଙ୍କୁ ବିରୋଧ କରୁଛି, ହେଲେ ମୋଦି ସରକାରଙ୍କୁ ନୁହେଁ। ଉପରମହଲରେ ବିଜେପି ସହ ବିଜେଡ଼ିର ସଲାସୁତରା ଚାଲିଛି ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ରାଜ୍ୟସଭା ନିର୍ବାଚନରେ ବି ବିଜେପିକୁ ଆପଣଙ୍କ ଦଳ ସମର୍ଥନ କରିବ।**

କିଏ କହିଲା, ଆମେ ମୋଦି ସରକାରଙ୍କୁ ବିରୋଧ କରୁନୁ । ମୁଁ ତ ବିଧାନସଭାରେ ଓ ଗଣମାଧ୍ୟମରେ ମୋଦି-ମୋହନ ସରକାରଙ୍କୁ ବିରୋଧ କରୁଛି । ରାଜ୍ୟସଭା ନିର୍ବାଚନରେ ବିଜେପି ହାରୁ ବୋଲି ମୁଁ ଚାହୁଁଛି । ହେଲେ ଅଙ୍କ କହୁଛି ମିଳିତ ପ୍ରାର୍ଥୀ ନହେଲେ ବିଜେପି ୩ ଆସନ ଜିତିଯାଇପାରେ । ଆଗକୁ ଦଳ କ'ଣ ନିଷ୍ପତ୍ତି ନେବ, ତାକୁ ଆପଣ ଅପେକ୍ଷା ନକରି ନିଷ୍କର୍ଷରେ କାହିଁକି ପହଁଚି ଯାଉଛନ୍ତି ।

**? ଆପଣ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତ ମାନୁନାହାନ୍ତି ବୋଲି ମୋଦିଙ୍କୁ ବିରୋଧ କରୁଛନ୍ତି, ରାଜନୈତିକ ବ୍ୟାପାର କମିଟିରେ ତ ଆପଣଙ୍କ ଭଳି ନେତାମାନଙ୍କୁ ସ୍ଥାନ ମିଳିଲାନି । ଦଳ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାବେଳେ ଆପଣଙ୍କ ମତାମତ ବି ଲୋଡୁନାହିଁ ।**

ମୁଁ ଅମାନିଆ ନୁହେଁ। ବାକି କଥା ଆପଣ ପିଏସି ସଦସ୍ୟଙ୍କୁ ପଚାରିପାରିବେ।

**? ଏଥର ବିଧାନସଭା ଚାଲିବ, ନା ବିଜେଡ଼ି ଅଚଳ କରିବ।**

ବିଧାନସଭା ଚାଲିବା ଦରକାର। ବିଧାନସଭା ଯେତେ ଚାଲିବ ସରକାର ସେତେ ଅକଳରେ ପଡ଼ିବେ । ଆଲୋଚନା ହେବ, ପ୍ରସଙ୍ଗ ଉଠିବ, ସରକାର ଉତ୍ତର ରଖିବାକୁ ବାଧହେବେ। ସରକାରଙ୍କ ବିରୋଧରେ ଗଦାଗଦା ପ୍ରସଙ୍ଗ ରହିଛି। ଯଦି ବିଧାନସଭା ନଚାଲିବ ତେବେ ସରକାରଙ୍କର ହିଁ ଲାଭ ହେବ।

**? ଆପଣଙ୍କ ସରକାର ଅମଳରେ କ'ଣ ଧାନମଣ୍ଡିରେ ସମସ୍ୟା ନଥିଲା? ସବୁବର୍ଷ ତ ବିଧାନସଭାରେ ଏହି କଥା ଉଠୁଥିଲା ।**

ଆମ ଅମଳରେ ବି ସମସ୍ୟା ଥିଲା, କିନ୍ତୁ କାଁ ଭାଁ। ଅଭିଯୋଗ ଆସିଲେ ଆମେ ସମାଧାନ କରି ଦେଉଥିଲୁ। ଏବେ କିନ୍ତୁ ସବୁ ଆଡୁ ଗଦାଗଦା ଅଭିଯୋଗ । ଗୋଦାମରେ ଧାନ ଚାଉଳ ଭର୍ତ୍ତି, କେନ୍ଦ୍ର ଚାଉଳ ଉଠାଉନି । ତେଣୁ ଧାନ ଉଠିପାରୁନି । ଆମେ କିନ୍ତୁ ଲୋକଙ୍କୁ ଅତିରିକ୍ତ ଚାଉଳ ବାଣ୍ଟି ଦେଉଥିଲୁ । ଫଳରେ ଧାନ ଉଠାଣରେ ସମସ୍ୟା ହେଉନଥିଲା। ଏମାନେ ଏବେ ୧୫୦ କୁଇଣ୍ଟାଲରେ ସିଲିଂ କରି ଦେଇଛନ୍ତି। ଚାଷୀଙ୍କୁ ରାସନ୍ କାଟିବାର ଧମକ ଦେଉଛନ୍ତି । ଚାଷୀଙ୍କୁ ଭୟଭୀତ କରୁଛନ୍ତି। ଏମାନେ ଗରିବୀକୁ ଉପରକୁ ଉଠାଉଛନ୍ତି ହେଲେ ଗରିବଙ୍କୁ ନୁହେଁ ।

**? ଆପଣଙ୍କ ଦଳର କର୍ମୀମାନେ ଏବେ ସବୁ ବିଜେପିକୁ ଡିଆଁ ମାରିଲେଣି । ବିଜେଡ଼ି ମଜବୁତ୍ ହେବନା ଦୁର୍ବଳ ହେବ?**

ବିଜେପିକୁ ସ୍ୱତଃପ୍ରବୃତ୍ତ ଭାବେ ଯିବା ଆଉ କଳବଳେ କୌଶଳେ ନେବା ଭିତରେ ଫରକ ରହିଛି । ଲୋକେ ବିଜେପିକୁ ଯାଉନାହାନ୍ତି, ସେମାନେ ଚାପ ପକାଇ ନେଇଯାଉଛନ୍ତି । ସମୟ କହିବ କିଏ କାହାର ଲାଭ, କାହାର କେତେ? ଟିକେ ଅପେକ୍ଷା କଲେ ଆପଣ ବୁଝିପାରିବେ ।

**'ଡବଲ ଇଞ୍ଜିନ୍ ଫମ୍ପା ସ୍ଲୋଗାନ୍'**

**'ଉଜାଡ଼ିବାରେ ଲାଗିଲେଣି, ଅଜାଡ଼ିବା ଦୂରରେ ଥାଉ'**

**'ଗରିବୀକୁ ଉପରକୁ ଉଠାଉଛନ୍ତି, ଗରିବକୁ ନୁହେଁ'**

**'ରାଜ୍ୟସଭାରେ ବିଜେପି ହାରୁ ବୋଲି ଚାହୁଁଛି'**

**'ଗଣତାନ୍ତ୍ରିକ ରାଜତନ୍ତ୍ର ଆଡ଼କୁ ଆମେ ଗତି କରୁଛୁ'**

**'ପ୍ରଚଳିତ ରାଜନୀତିରେ ମୁଁ ସନ୍ତୁଷ୍ଟ ନୁହେଁ'**

**'ବିଧାନସଭା ବନ୍ଦ ହେଲେ ସରକାରଙ୍କ ଲାଭ'**



**? ଆଜିକାଲିର ରାଜନୀତି, ବିଧାୟକ ଓ ସାଂସଦଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନେଇ ଆପଣ କେତେ ସନ୍ତୁଷ୍ଟ? ଅନେକ ବିଧାୟକ ତ ବିଲ୍‌ରେ କ'ଣ ଅଛି ଜାଣନ୍ତି ନାହିଁ। ବିତର୍କରେ ଭାଗ ନେବାକୁ ବି ଡରୁଛନ୍ତି ।**

ବିଧାୟକମାନଙ୍କର କାମ ହେଉଛି ବିଧେୟକ କରିବା। ନୀତି ନିର୍ଦ୍ଧାରଣ ଠିକ୍ ହେଲେ ଦେଶ ଓ ରାଜ୍ୟ ଆଗେଇପାରିବ। ସେଥିରେ ତ୍ରୁଟି ରହିଲେ ସମାଜ ଆଗେଇ ପାରିବନି। ଆଜିକାଲି ବିଧେୟକ ବେଳେ ଯେମିତି ବୌଦ୍ଧିକ ବିତର୍କ ହେବା କଥା ହେଉନାହିଁ। ଅନେକ ବିଧାୟକ ଓ ସାଂସଦ ବିଧେୟକ ପ୍ରଣୟନରେ ସହଭାଗୀ ହେବାରେ ବ୍ୟର୍ଥ ହେଉଛନ୍ତି। ଯେଉଁଥିପାଇଁ ମୁଁ ସନ୍ତୁଷ୍ଟ ହୋଇପାରୁନି। ଏମିତି ଚାଲିଲେ ଜେନ-ଜି ଆମକୁ ଭୁଲ୍ ବୁଝିବେ। ଗଣତାନ୍ତ୍ରିକ ରାଜତନ୍ତ୍ର ବ୍ୟବସ୍ଥା ଆଡ଼କୁ ଆମେ ଗତି କରୁଛୁ। ଏନେଇ ମୁଁ ଗବେଷଣା କରୁଛି। ତଥ୍ୟଭିତ୍ତିକ ପୁସ୍ତକ ପ୍ରସ୍ତୁତି ଚାଲିଛି। ସେଥିରେ ମୁଁ ସବୁ କଥା କହିବି ।

**? ଗଲାଥର ଦରମା ବୃଦ୍ଧିକୁ ନେଇ ବିଧାୟକମାନେ ଭାରି ଖୁସି ହୋଇଯାଇଥିଲେ । ହେଲେ ଜନ ଆକ୍ରୋଶ ପାଇଁ ସବୁ ଦଳ ୟୁଟର୍ଣ୍ଣ ନେଲେ। ଏଥର ବିଧାନସଭାରେ ଦରମା ବିଲ୍ ଆସିବ, ଆପଣ ଦରମା ବୃଦ୍ଧିକୁ ସମର୍ଥନ କରନ୍ତି ନା ବିରୋଧ ?**


ଏନେଇବି ବହୁ ତଥ୍ୟ ରଖିଛି । ବିଧାୟକଙ୍କର ଦରମାକୁ ନେଇ ମୁଁ ବହିଟିଏ ଲେଖିବି। ଏବେ ଅଧିକ କିଛି କହିବିନି ।

# ଭୁବନେଶ୍ୱର ରାଜନୀତି









## 'ଉତ୍ତର' ବିଜେପିରେ ପ୍ରଶ୍ନ ଅନେକ ?

### ୨୦୨୯ରେ ପ୍ରାର୍ଥୀ ରିପିଟ୍ ନା ପୁଣି ବଦଳିବେ

୨୦୦୯ରେ ଗଠିତ ହୋଇଥିଲା ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ। ଭୁବନେଶ୍ୱର ମଧ୍ୟ ଭଳି ଉତ୍ତରରେ ବି ବିଜେଡ଼ି ହାଟ୍ରିକ୍ ମାରିଛି । ତେବେ ବଡ଼ କଥାଟି ହେଉଛି, ଉତ୍ତରରୁ ବିଜେପି ସବୁବେଳେ ପ୍ରାର୍ଥୀ ବଦଳାଇ ଆସୁଛି। ଏଇଯେମିତି, ୨୦୦୯ରେ ଏଠାରୁ ଲଢ଼ିଥିଲେ ଗୋଲକ ମହାପାତ୍ର । ୨୦୧୪ରେ ଦିଲ୍ଲୀପ ମହାନ୍ତିଙ୍କୁ ଦଳ ଟିକେଟ୍ ଦେଇଥିଲା। ୨୦୧୯ରେ ଟିକେଟ୍ ପାଇଥିଲେ ଅପରାଜିତା ମହାନ୍ତି। ୨୦୨୪ରେ ଉତ୍ତରରୁ ଲଢ଼ିଥିଲେ ପ୍ରିୟଦର୍ଶୀ ମିଶ୍ର ।

ଗାଏମୋଟ୍ ଦେଖିଲେ ଭୁବନେଶ୍ୱର ଉତ୍ତର ବିଜେପି ରାଜନୀତି ଭାରି ଗୋଳମାଳିଆ। ଅନେକ ଆଶାୟୀ ବିଜେପି ଟିକେଟ ପାଇଁ ଲୋଭ ରଖିଥା'ନ୍ତି । ଲବି ବି ଜୋରଦାର ଚାଲେ । କିନ୍ତୁ ଶେଷ ମୁହୂର୍ତ୍ତରେ ଅଙ୍କ ଗୋଳମାଳ ହୋଇଯାଏ । ପ୍ରାର୍ଥୀ ବଦଳିଯାଆନ୍ତି ।୨୦୧୯ରେ ହଠାତ୍ ସିନେ ଅଭିନେତ୍ରୀ ଅପରାଜିତା ମହାନ୍ତି ମଇଦାନକୁ ଓହ୍ଲାଇଥିଲେ। ୨୦୧୪ରେ ଅପରାଜିତା କଟକ ଲୋକସଭା ଆସନରୁ କଂଗ୍ରେସ ଟିକେଟରେ ଲଢ଼ିଥିବାବେଳେ ୨୦୧୯ରେ କିନ୍ତୁ ବିଜେପି ଟିକେଟ୍ ମିଳିଥିଲା। ନା ସେ ସଂଗଠନର ଧାର ଧରିଛନ୍ତି ନା ଭୁବନେଶ୍ୱରରେ ତାଙ୍କର ଫ୍ୟାନ୍ ଅଛନ୍ତି। ତଥାପିବି ଦଳ ତାଙ୍କୁ ଟିକେଟ୍ ଦେଇଥିଲା। ସେହିପରି ବିଜେଡ଼ିରେ ରାଜନୀତିକ ଭବିଷ୍ୟତ ନଥିବାରୁ ପ୍ରିୟଦର୍ଶୀ ମିଶ୍ର ବିଜେପିକୁ ଆସି ଟିକେଟ ନେଇଯାଇଥିଲେ। ପ୍ରତିଥର ପ୍ରାର୍ଥୀ ବଦଳୁଥିବାରୁ ୨୦୨୯ରେ ନୂଆ ମୁହଁଙ୍କୁ ସୁଯୋଗ ମିଳିବ ନା ପ୍ରିୟଦର୍ଶୀ ସେହି ପୁରୁଣା ଟ୍ରେଣ୍ଡ ଭାଙ୍ଗି ରିପିଟ୍ ହେବେ ତାହାକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ ।

ସ୍ୱାଭାବିକ ଭାବେ ଭୁବନେଶ୍ୱର-ଉତ୍ତର ଟିକେଟ୍ କଥା ଉଠିଲେ ଗୋଲକ ମହାପାତ୍ରଙ୍କ ନାମ ବି ସାମ୍ନାକୁ ଆସେ । ସମ୍ପ୍ରତି ସେ ରାଜ୍ୟସଭା ଦୌଡ଼ରେ ଥିବାବେଳେ ରାଜ୍ୟ ସଭାପତି ରେସରେ ବି ରହିଥିଲେ । ଧର୍ମେନ୍ଦ୍ର ପ୍ରଧାନଙ୍କ ଖାସ୍ ଅନୁଗତ ଭାବେ ସେ ବେଶ୍ ଜଣାଶୁଣା। ସେହିପରି ଦିଲ୍ଲୀପ ମହାନ୍ତିଙ୍କ ପତିଆରା ଏବେ ବେଶ୍ ବଢ଼ିଯାଇଛି । ଦୁଇ ଦୁଇ ଥର ଟିକେଟ ରେସରେ ଥିଲେବି ତାଙ୍କୁ ଟିକେଟ୍ ମିଳିନଥିଲା। ଏବେ ସିଏମଓରେ ତାଙ୍କର ବେଶ୍ କାଟତି ଥିବା ବିଜେପି ଅଳିନ୍ଦରେ ଚର୍ଚ୍ଚା ହୁଏ । ଅପରପକ୍ଷରେ ପ୍ରିୟଦର୍ଶୀ ମିଶ୍ର ଏବେ ଅପରାଜିତା ଷଡ଼ଙ୍ଗୀଙ୍କର ଅତ୍ୟନ୍ତ ଖାସ୍ ପାଲଟି ଯାଇଛନ୍ତି । ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଧାୟକ ଟିକେଟ ଆବଣ୍ଟନରେ ଅପରାଜିତାଙ୍କର ଏକ ପ୍ରମୁଖ ଭୂମିକା ବି ରହିଛି । ତେଣୁ ୨୦୨୯ରେ ପ୍ରିୟଦର୍ଶୀ ନିଶ୍ଚିତ ଟିକେଟ୍ ପାଇବେ ବୋଲି ଆଶା ରଖିଛନ୍ତି । ୟା'ଭିତରେ ଆଉ ଜଣେ ନେତ୍ରୀ ଏବେ ଉତ୍ତରରୁ ଲଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି । ସେ ହେଉଛନ୍ତି ରାଜ୍ୟ ବିଜେପି ମହିଳା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ। ଏମିତିବି ୨୦୨୯ରେ ୩୩% ମହିଳା ସଂରକ୍ଷଣ ଲାଗିବ ବୋଲି ଚର୍ଚ୍ଚା ହେଉଛି। ସେହିପରି ମନମୋହନ ସାମଲଙ୍କ ଗୁଡ଼ବୁକ୍‌ରେ ଥିବାରୁ ଐଶ୍ୱର୍ଯ୍ୟା ଏବେଠାରୁ ଫୁଲଦମରେ ଲାଗି ପଡ଼ିଛନ୍ତି। ଗାଏମୋଟ୍ ଦେଖିଲେ ବିଜେପି ଉତ୍ତର ରାଜନୀତିରେ ଅନେକ ପ୍ରଶ୍ନଚିହ୍ନ ସୃଷ୍ଟିହୋଇଛି ।

## ବିଜେପିକୁ ଯିବେ ଅଳକା !



ଏକଦା ଝାରସୁଗୁଡ଼ାରେ କଂଗ୍ରେସ ଦବଦବା ଜାହିର କରୁଥିଲା। ପରେ କଂଗ୍ରେସର ସ୍ଥାନ ନେଇଥିଲା ବିଜେଡ଼ି । ଆଉ ଏବେ ବିଜେପିର ରାଜ୍ ଆରମ୍ଭ ହୋଇଯାଇଛି । ଦୁଇ ଦୁଇଟି ଆସନ ବିଜେପି କବଜାରେ ରହିଛି। ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ଏବେ ରାଜସ୍ୱ ମନ୍ତ୍ରୀ ଥିବାବେଳେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ମୁଣ୍ଡ ଉପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଶୀର୍ବାଦ ରହିଛି । ବିଜେଡ଼ିର ଅବସ୍ଥା ଅତି ସଂଗୀନ ହୋଇଯାଇଛି। ବିଶେଷକରି ନବ କିଶୋର ଦାସ ଓ କିଶୋର ମହାନ୍ତିଙ୍କ ଅବର୍ତ୍ତମାନରେ ବିଜେଡ଼ି ନେତୃତ୍ୱ ସଂକଟ ଦେଇ ଗତିକରୁଛି । ଉପନିର୍ବାଚନରେ ଦୀପାଳି ଦାସ ଓ ଅଳକା ମହାନ୍ତି ବିପୁଳ ଭୋଟରେ ଜିତିଥିଲେବି ୨୦୨୪ ସାଧାରଣ ନିର୍ବାଚନରେ ଟଳି ପଡ଼ିଛନ୍ତି। ରାଜ୍ୟରେ ବିଜେପି ବଢୁଥିବାରୁ ଏବେ ଦୀପାଳି ବିଜେପି ଆଡ଼କୁ ଢ଼ଳିବା ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି । ଅନୁରୂପ ଭାବେ ଅଳକାଙ୍କର ବିଜେଡ଼ି ଉପରେ ଆସ୍ଥା ତୁଟିଯାଇଛି। ସେ ଓ ତାଙ୍କ ପୁଅ ବିଜେପି ସହ ଯୋଗସୂତ୍ରରେ ରହିଥିବା କୁହାଯାଉଛି। କିନ୍ତୁ ସେମାନେ ବିଜେପିକୁ ଗଲେ କେଉଁଠୁ ଲଢ଼ିବେ ତାହା ସ୍ପଷ୍ଟ ହୋଇନଥିବାରୁ ସବୁକିଛି ଅଟକି ରହିଛି । ସେପଟେ ସୁରେଶ ପୂଜାରୀ କିନ୍ତୁ ଅଳକା ବିଜେପିକୁ ଆସନ୍ତୁ ବୋଲି ଚାହୁଁନାହାନ୍ତି। ଯାହାକୁ ନେଇ ବିଜେପି ଅଳିନ୍ଦରେ ଚର୍ଚ୍ଚା ଜୋର୍‌ଧରିଛି ।

# ରାଜ୍ୟସଭା ନିର୍ବାଚନ

# ବିଜେପି ୩, ବିଜେଡ଼ି ୧




ରାଜ୍ୟସଭା ନିର୍ବାଚନକୁ ନେଇ ଏବେ ଆରମ୍ଭ ହୋଇଯାଇଛି ଅଙ୍କକଷା । ଅସ୍ପଷ୍ଟ ଅଙ୍କ ଏବେ ସ୍ପଷ୍ଟ ହେବାରେ ଲାଗିଛି । ବିଜେପି ନିଜ ଦମ୍‌ରେ ଦୁଇଟି ଓ ବିଜେଡ଼ି ଗୋଟିଏ ଆସନରେ ଜିଣିବ ବୋଲି ଅନେକ ଦିନ ପୂର୍ବରୁ ସ୍ପଷ୍ଟ ହୋଇଯାଇଥିଲା । ତେବେ ଆଉ ଗୋଟିଏ ଆସନ ପାଇଁ କାହା ପାଖେ ସଂଖ୍ୟା ନଥିବାରୁ ତାହାକୁ ନେଇ ରାଜନୀତିକ ଅଳିନ୍ଦରେ ସ୍ୱାଭାବିକ ଭାବେ ଚର୍ଚ୍ଚା ହୋଇଆସୁଛି। ହେଲେ ବିଜେପି ଓ ବିଜେଡ଼ିର ଆଭିମୁଖ୍ୟକୁ ଅନୁଶୀଳନ କଲେ ବିଜେପି ହିଁ ୩ ଆସନରେ ବାଜିମାତ୍ କରିବ। ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମିଡ଼ିଆ ବିବୃତ୍ତି ଏନେଇ ସଂକେତ ଦେଉଛି। ବିଜେପି ୩ ଆସନ ଜିତିବ ବୋଲି ଦଳର ନେତାମାନେ ଆତ୍ମବିଶ୍ୱାସର ସହ କହୁଥିବାବେଳେ ବିଜେଡ଼ି ପୂର୍ବଭଳି ଗୁନ୍ଦୁରେଇବା ଆରମ୍ଭ କରିଛି। ସମୟକୁ ଅପେକ୍ଷା, ସୁପ୍ରିମୋ ନିଷ୍ପତ୍ତି ନେବେ ବୋଲି ସେମାନେ କହୁଛନ୍ତି। ଏସବୁକୁ ଅନୁଶୀଳନ କଲେ ମନେହୁଏ, ବିଜେଡ଼ି ନିର୍ବାଚନରେ ଗୋଟିଏ ପ୍ରାର୍ଥୀ ଦେବ ଓ ବିଜେପି ୩ ପ୍ରାର୍ଥୀ ଦେବ। କାହିଁକିନା ମୋହନଙ୍କ ସହ ନବୀନ କଳି କରିବାକୁ ରାଜିଥିଲେବି ମୋଦିଙ୍କ ସହ କଳି କରିବାକୁ ତାଙ୍କର କୁଆଡ଼େ ଆତ୍ମା ଡାକୁନାହିଁ।

## ଭକ୍ତଙ୍କ ଲାଭ ନା କ୍ଷତି ?




ରାଜ୍ୟ କଂଗ୍ରେସ ମୁଖିଆ ଭକ୍ତ ଚରଣ ଦାସ ଆଜିକାଲି ଟିକେ ଆଗଚଲା। ମାଇଲେଜ୍ ନେବାକୁ ନିଜ ଆଡୁ ଆଗୁଆ ଘୋଷଣା କରି ଦେଉଛନ୍ତି। ବିଜେଡ଼ି ସହ ପରାମର୍ଶ ନକରି ସିଧାସଳଖ କହିଦେଲେ ଆମେ ବିଜେପି ସରକାର ବିରୋଧରେ ଅନାସ୍ଥା ଆଣିବୁ। ସେହିପରି ଦଳ ହାତରେ ମାତ୍ର ୧୪ ବିଧାୟକ, ତଥାପିବି ନିଜ ଆଡୁ ଘୋଷଣା କରିଦେଲେ ଆମେ ପ୍ରାର୍ଥୀ ଦେବୁ। ଅବଶ୍ୟ ତା'ପରେ କଥା ବୁଲେଇଲେ। ଯାହାବି ହେଉ, ବିଜେଡ଼ି ମୁଖିଆ ନବୀନ ପଟ୍ଟନାୟକଙ୍କ ସହ ଭେଟଘାଟ ପାଇଁ ଭକ୍ତ ସମୟ ମାଗିଥିଲେ। ହେଲେ ନବୀନ କିନ୍ତୁ ସମୟ ଦେଇନାହାନ୍ତି କି ଦେବେନି। ଏମିତି ସ୍ଥିତରେ କଂଗ୍ରେସ କିନ୍ତୁ ପ୍ରାର୍ଥୀ ଦେବବୋଲି ଭକ୍ତ ଘୋଷଣା କରିଛନ୍ତି। ଭକ୍ତ ଜାଣିଛନ୍ତି ନବୀନ ବାବୁ କେବେବି ସମର୍ଥନ ଦେବେନି। ହାରିବା ନିଶ୍ଚିତ। କିନ୍ତୁ ତାଙ୍କର ଅସଲ ଉଦ୍ଦେଶ୍ୟ ହେଉଛି, ବିଜେଡ଼ିର ଫାଟକୁ ଚଉଡ଼ା କରିବା। ନିର୍ବାଚନ ହେଲେ ଅସନ୍ତୁଷ୍ଟ ବିଜେଡ଼ି ବିଧାୟକମାନେ କ୍ରସ୍ ଭୋଟିଂ କରିବେ ବୋଲି ଭକ୍ତଙ୍କ ଧାରଣା ରହିଛି। ହେଲେ ଭକ୍ତଙ୍କ ଏମିତି ଚାଲ୍ ବୁମେରାଂ ବି ହୋଇପାରେ। ଯେମିତି ବିଜେଡ଼ି ବିଧାୟକ କ୍ରସ ଭୋଟିଂ କରିବାର ଆଶଙ୍କା ରହିଛି, ସେମିତି କଂଗ୍ରେସ ବିଧାୟକମାନେ ବି କ୍ରସ୍ ଭୋଟିଂ କରିପାରନ୍ତି। ଏମିତି ହେଲେ ଏହା କଂଗ୍ରେସକୁ ବି ଝଟକା ହୋଇପାରେ। କାଳେ କ୍ରସଭୋଟିଂ ହେବ ସେହି ଡରରେ ନବୀନ ଗୋଟିଏ ଆସନରେ ସନ୍ତୁଷ୍ଟ। ପଙ୍କରେ ପଶିବାର ନାହିଁ କି ଗୋଡ଼ ଧୋଇବାର ନାହିଁ ଫର୍ମୁଲାରେ ନବୀନ ଅଛନ୍ତି। ଆଉ ମାସକ ଭିତରେ ରାଜ୍ୟସଭା ନିର୍ବାଚନ। ଭକ୍ତ ପ୍ରାର୍ଥୀ ଦେଇ କେତେ ଲାଭ କରିଛନ୍ତି ଆଉ କେତେ କ୍ଷତି ସହୁଛନ୍ତି ସେତେବେଳେ ହିସାବନିକାଶ କରିବା।



## ତୋମାର ଯିବେ କି ରାଜ୍ୟସଭା

ଆଗକୁ ରାଜ୍ୟସଭା ନିର୍ବାଚନ । ଓଡ଼ିଶାରୁ ୪ ଆସନ ଖାଲି ହେଉଥିବାବେଳେ ବିଜେପିରୁ ୩ ପ୍ରାର୍ଥୀ ରାଜ୍ୟସଭାକୁ ଯିବାର ସମ୍ଭାବନା ରହିଛି । ଅବଶ୍ୟ କେଉଁ ନେତାଙ୍କୁ ବିଜେପି ରାଜ୍ୟସଭାକୁ ପଠାଇବ ତାହା ସ୍ପଷ୍ଟ ହୋଇପାରିନାହିଁ । ଜାତୀୟ ଦଳ ହୋଇଥିବାରୁ ବିଜେପି ଅତୀତରେ ଅନେକବାର ଓଡ଼ିଶାରୁ ବାହାର ରାଜ୍ୟର ପ୍ରାର୍ଥୀଙ୍କୁ ରାଜ୍ୟସଭାକୁ ପଠାଇଛି । ୨୦୦୪ରେ ଦଳ ଛତ୍ରପାଲ ସିଂ ଲୋଧା ଓ ୨୦୦୮ରେ ବଲବୀର ପୁଞ୍ଜୀଙ୍କୁ ପ୍ରାର୍ଥୀ କରିଥିଲା। ପରେ ଅଶ୍ୱିନୀ ବୈଷ୍ଣବ ବିଜେପିରୁ ଦୁଇଥର ରାଜ୍ୟସଭାକୁ ଯାଇଥିଲେବି ଏଥିରେ ଦଳ ଅପେକ୍ଷା ତାଙ୍କର ବ୍ୟକ୍ତିଗତ ଭୂମିକା ଅଧିକ ରହିଥିଲା। ଆଗାମୀ ରାଜ୍ୟସଭା ନିର୍ବାଚନରେ ବିଜେପି ଓଡ଼ିଶାରୁ ଦୁଇ ଓ ବାହାର ରାଜ୍ୟରୁ ଜଣଙ୍କୁ ପ୍ରାର୍ଥୀ କରିବ ବୋଲି ଦିଲ୍ଲୀରେ ଚର୍ଚ୍ଚା ହେଉଛି। ଏଭଳି କ୍ଷେତ୍ରରେ ବିଜୟ ପାଲ ସିଂ ତୋମାର ରେସ୍‌ରେ ରହିଛନ୍ତି। ସେ ଏବେ ବିଜେପିର ରାଜ୍ୟ ପ୍ରଭାରୀ। ୨୦୨୪ରେ ରାଜ୍ୟରେ ବିଜେପି ସରକାର ଗଢ଼ିବା ପଛରେ କେତେକ ତୋମାରଙ୍କୁ ବି ଶ୍ରେୟ ଦେଉଛନ୍ତି। ପୂର୍ବରୁ ସେ ଉତ୍ତର ପ୍ରଦେଶରୁ ରାଜ୍ୟସଭା ସାଂସଦ ବି ଥିଲେ। ତେବେ ତାଙ୍କର କାର୍ଯ୍ୟକାଳ ୨୦୨୪ରୁ ସରିଯାଇଛି। ଓଡ଼ିଶାର ପ୍ରଭାରୀ ଭାବେ ଦଳକୁ ବିଜୟୀ କରିଥିବାରୁ ସେ ଏଯାଏଁ ପୁରସ୍କାର ପାଇପାରିନାହାନ୍ତି । ତେଣୁ ତୋମାର ରାଜ୍ୟସଭାକୁ ଯିବା ପାଇଁ ଏବେଠାରୁ ଆଶା ବାନ୍ଧି ବସିଛନ୍ତି। ଅବଶ୍ୟ ବିଜେପିର ରାଜ୍ୟସଭା ରେସ୍‌ରେ ବହୁ ନେତା ସାମିଲ୍ ହୋଇସାରିଲେଣି। ମନମୋହନ ସାମଲ, ସମୀର ମହାନ୍ତି, ଗୋଲକ ମହାପାତ୍ର, ସାରଦା ପ୍ରସାଦ ଶତପଥି, ବସନ୍ତ ପଣ୍ଡା ଏମିତି ଅନେକ ନାମ ବିଜେପି ଅଳିନ୍ଦରେ ଘୂରିବୁଲୁଛି।

**ଏକଦା ରାଜ୍ୟ ରାଜନୀତିର ଚର୍ଚ୍ଚିତ ନେତା ଥିଲେ କାହ୍ନୁ ଚରଣ ଲେଙ୍କା । ଉଭୟ କେନ୍ଦ୍ର ଓ ରାଜ୍ୟ ରାଜନୀତିରେ ସେ ଦବଦବା ଜାହିର କରୁଥିଲେ । କିନ୍ତୁ କଂଗ୍ରେସର ଗୋଷ୍ଠୀକନ୍ଦଳରେ ଆକ୍ତାମାକ୍ତା ହୋଇ ସେ ହଜିଯାଇଥିଲେ । କେବେ ବିଜୁ ଦାଉ ସାଧିଥିଲେ ତ କେବେ ଜାନକୀ । ଗତ ଫେବୃଆରୀ ୧୩ରେ ୮୬ ବର୍ଷ ବୟସରେ ତାଙ୍କର ପରଲୋକ ପରେ ପୁଣି ସେ ମନେପଡ଼ିଛନ୍ତି । ତାଙ୍କର ଆତ୍ମଜୀବନୀ 'ମୋ ଜୀବନ ସଂଗ୍ରାମ'ରେ ସେ ତାଙ୍କର କଥା ଓ ବ୍ୟଥା ପରିପ୍ରକାଶ କରିଛନ୍ତି ।**



# 'ମୋ ଜୀବନ ସଂଗ୍ରାମ' କହେ କାହ୍ନୁଙ୍କ କ୍ଷତର କଥା

## ରାଜନଗରରେ ମାଡ଼

ରାଜନଗର ଉପନିର୍ବାଚନରେ ବିଜୁବାବୁ ପ୍ରାର୍ଥୀ ହୋଇଥା'ନ୍ତି। କଂଗ୍ରେସ ପ୍ରାର୍ଥୀ ଧ୍ରୁବ ଚରଣ ରାଉତଙ୍କ ପାଇଁ ପର୍ଯ୍ୟବେକ୍ଷକ ଥାଆନ୍ତି କାହ୍ନୁ। ଏକ୍ସପ୍ରେସ ହାଇୱେର ଓସ୍ତରଗଡ଼ାରେ ଗୁଣ୍ଡାମାନେ ତାଙ୍କ ଉପରେ ଆକ୍ରମଣ କଲେ । ସେ ଡରରେ ଜଣଙ୍କ ଘରେ ପଶିଗଲେ। ଶହଶହ ଗୁଣ୍ଡା ଘର ଚାରିପାଖେ ଘେରିଯାଇ, ଘରକୁ ଭାଙ୍ଗିଦେଲେ। ଅମାନୁଷିକ ଭାବେ ତାଙ୍କୁ ମାଡ଼ ମାରିଲେ। ଅଚେତ୍ ହୋଇ ସେ ହସପିଟାଲରେ ଭର୍ତ୍ତି ହୋଇଥିଲେ।

## ଫାଇଲ୍ ଚୋରି, ମନ୍ତ୍ରୀମଣ୍ଡଳରୁ ବିଦା

୧୯୮୦ ମସିହାର କଥା। କାହ୍ନୁ ଲେଙ୍କା ଥିଲେ ଜାନକୀବାବୁଙ୍କ ସରକାରରେ ରାଜସ୍ୱ ମନ୍ତ୍ରୀ । ସେହି ସମୟରେ ରାଜସ୍ୱ ବିଭାଗ ଖଣିର ସେସ ଆଦାୟକୁ ଦୁଇଗୁଣା କଲେ । ଫଳରେ ୨ କୋଟି ବଦଳରେ ୪ କୋଟି ରାଜସ୍ୱ ମିଳିପାରିବ। ହେଲେ ଖଣି ମନ୍ତ୍ରୀ ବସନ୍ତ ବିଶ୍ୱାଳ କିନ୍ତୁ ରାଜି ହୋଇନଥିଲେ। ଜାନକୀବାବୁ ଫାଇଲରେ ଦସ୍ତଖତ ମାରିଥିଲେବି ପୁଣି ତାହାକୁ ପ୍ରତ୍ୟାହାର କରିନେଲେ । ତେଣୁ କାହ୍ନୁ ବାବୁ ଫାଇଲ୍ ନେଇ ଦିଲ୍ଲୀ ଯାଇ ଇନ୍ଦିରାଙ୍କୁ ଦେଖାକଲେ । ଇନ୍ଦିରା ବି ରାଜ୍ୟ ସରକାରଙ୍କ ଉପରେ କ୍ଷୁବ୍ଧ ହୋଇଯାଇଥିଲେ । କିନ୍ତୁ ଇନ୍ଦିରାଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ମଖନଲାଲ ଫତେଦାରଙ୍କ ସହ ଜାନକୀବାବୁଙ୍କର ଭଲ ସମ୍ପର୍କ ଥିବାରୁ ସେ ଖବର ପାଇଗଲେ। ଦିଲ୍ଲୀରୁ ଭୁବନେଶ୍ୱରକୁ ଫେରିବା ବାଟରେ ହାୱଡ଼ା ଷ୍ଟେସନରୁ ଚଞ୍ଚକତା କରି କାହ୍ନୁବାବୁଙ୍କ ପ୍ରାଇଭେଟ ସେକ୍ରେଟାରୀଙ୍କ ଠାରୁ ଫାଇଲ୍ ଚୋରାଇନେଲେ । ପରେ ଏହି ଫାଇଲ୍ ଚୋରିକୁ ନେଇ କାହ୍ନୁଙ୍କୁ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେବାକୁ ବାଧ କରିଥିଲେ ଜାନକୀବାବୁ ।



## ୧୯୮୫ରେ ମିଳିଲାନି ଟିକେଟ୍

୧୯୭୧, ୧୯୭୪ ଓ ୧୯୮୦ରେ ଚୌଦ୍ୱାରରୁ ଜିଣିଥିଲେ କାହ୍ନୁ । କିନ୍ତୁ ୧୯୮୫ରେ ଜାନକୀ ବାବୁ ତାଙ୍କ ଟିକେଟ୍ କାଟି ଦେଇଥିଲେ । ସେ ମଦ ପିଅନ୍ତି, ଚରିତ୍ର ଭଲ ନୁହେଁ, ୩ଟା ସ୍ତ୍ରୀ ଅଛନ୍ତି ବୋଲି କଂଗ୍ରେସ ହାଇକମାଣ୍ଡଙ୍କ ନିକଟରେ ଅଭିଯୋଗ କରାଗଲା । ଓଡ଼ିଶା ଭବନରେ ତତ୍କାଳୀନ ପୁଲିସ ଗୁଇନ୍ଦା ଆଇଜି ଜାନକୀବାବୁଙ୍କ ନିର୍ଦ୍ଦେଶରେ ଏମିତି ହିଁ କରୁଥା'ନ୍ତି । ଶେଷରେ ସମସ୍ତଙ୍କ ଷଡ଼ଯନ୍ତ୍ରରେ ଫସି ଟିକେଟ ପାଇବାରୁ ସେ ବଞ୍ଚିତ ହୋଇଥିଲେ ।

### କାହ୍ନୁଚରଣ ଲେଙ୍କା

**ଜନ୍ମ :** ୧୯୩୮ ଜୁଲାଇ ୨୩

**ଶିକ୍ଷା :** ଏମଏ, ଏଲ୍ଏଲ୍‌ବି

**ବିଧାୟକ :** ୧୯୭୨-୭୩, ୧୯୭୪-୭୭, ୧୯୮୦-୮୫, ୧୯୯୫-୨୦୦୦

**ରାଜ୍ୟସଭା :** ୧୯୮୮-୧୯୯୪

**କେନ୍ଦ୍ର ମନ୍ତ୍ରୀ :** ୧୯୯୧ରୁ ୧୯୯୩

**ଓଡ଼ିଶାରେ ମନ୍ତ୍ରୀ :** ୧୯୭୪-୧୯୭୮, ୧୯୮୦-୮୧, ୧୯୯୫-୯୯

**ଦଳୀୟ ପଦବୀ :** ପିସିସି ସାଧାରଣ ସମ୍ପାଦକ ୧୯୭୧-୭୪, ୧୯୭୭-୮୦

**ପିସିସି ସଭାପତି :** ୧୯୮୮-୮୯

**କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ :** ୧୯୯୧

WEEKLY SARVIT ODIA



# ମେୟର ରେସ୍‌ରେ ବାସୁଦେବ

ଆଜ୍ଞା, ଆଜିକାଲି ରାଜଧାନୀଆଙ୍କ ପାଇଁ ହରଦମ୍ ଲଢୁଛନ୍ତି ବାସୁଦେବ ଭଇ । କେତେବେଳେ ରାସ୍ତାରେ ତ କେବେ ମିଡ଼ିଆରେ କେବେ କୋର୍ଟ କଚେରୀରେ ସେ ଲଢ଼େଇ ଜାରି ରଖିଛନ୍ତି । ଭିନ୍ନ ଭିନ୍ନ ରୂପରେ ଯେମିତିକି; ଓଡ଼ିଶା ଅଭିଭାବକ ମହାସଂଘ, ମହାନଦୀ ବଞ୍ଚାଅ ଆନ୍ଦୋଳନ, ସୈନିକ ସ୍କୁଲ ବଞ୍ଚାଅ, ଅଳିଆଗଦା ହଟାଅ ଅଭିଯାନ, ମୋ ଖେଳପଡ଼ିଆ ଆଦି ଜରିଆରେ ସେ ଏବେ ରାଜଧାନୀରୁ ନେଇ ରାଜ୍ୟ ପ୍ରସଙ୍ଗ ଉଠାଇ ଚର୍ଚ୍ଚାରେ ରହିଛନ୍ତି । ଅନେକ ପ୍ରସଙ୍ଗରେ ସେ ବିଏମସି ଓ ରାଜ୍ୟ ସରକାରଙ୍କୁ ନାକୁଆଣୀ ବି କରିଦେଇଛନ୍ତି । ରାଜଧାନୀରେ ବାସୁଦେବଙ୍କ କ୍ରେଜ୍ ବଢ଼ିବାରେ ଲାଗିଥିବାବେଳେ ତାଙ୍କର ସମର୍ଥକମାନେ ମେୟର ଭାବେ ଲଢ଼ିବାକୁ ବି ପରାମର୍ଶ ଦେବା ଆରମ୍ଭ କରିଦେଲେଣି । ଗଲାଥର ମେୟର ପଦବୀଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ଆଗାମୀ ସମୟରେ ତାହା ଅଣସଂରକ୍ଷିତ ରହିବ । ଆଜିକାଲି ଶିକ୍ଷିତ ଲୋକମାନେ ବି ମତଦାନ କେନ୍ଦ୍ରକୁ ଗଲେଣି । ଯାହାକି ରାଜଧାନୀ ପାଇଁ ଏକ ଭଲ ଖବର । ତେବେ ବାସୁଦେବ ମଇଦାନକୁ ଓହ୍ଲାଇବେ ନା ନାହିଁ ତାହା ସମୟ ହିଁ କହିବ ।

# ପିଲାଙ୍କ ଭବିଷ୍ୟତ ପାଇଁ ଲଢ଼ିବେ ସୁର

ବୟସ ଚାରି କୋଡ଼ି ଟପିଗଲାଣି । ୬ ଥର ବିଧାୟକ ହେବାର ବି ସୁଯୋଗ ପାଇଛନ୍ତି । ମନ୍ତ୍ରୀ ବି ହୋଇଛନ୍ତି । ଥକିଯିବା ପରେ ସନ୍ନ୍ୟାସ ବି ନେଇଯାଇଥିଲେ । କିନ୍ତୁ ହଠାତ୍ ସୁର ରାଉତରାୟ ପୁଣି ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି । ଯାହାକୁ ନେଇ ଏବେ ଜଟଣୀରୁ ନେଇ ଭୁବନେଶ୍ୱର ଯାଏଁ ଚର୍ଚ୍ଚା । କଂଗ୍ରେସକୁ ମଜବୁତ୍ କରିବେ ବୋଲି ସୁରବାବୁ ପଣ କରିଥିବା ତାଙ୍କ ସମର୍ଥକମାନେ କୁହାକୁହି ହେଉଛନ୍ତି । କିନ୍ତୁ ଆଜ୍ଞା ବାସ୍ତବିକ ରାଜନୀତିକ ଅଙ୍କ କି ସୂତ୍ର ତାହା ନୁହେଁ । ସୁରଙ୍କ ଲଢ଼େଇ କଂଗ୍ରେସକୁ ମଜବୁତ କରିବା ପାଇଁ ନୁହେଁ, ବରଂ ପିଲାଙ୍କ ରାଜନୀତିକ ଭବିଷ୍ୟତ ପାଇଁ ହିଁ ସେ ଅଣ୍ଟା ଭିଡ଼ିଛନ୍ତି ।

୧୯୭୭ରେ ସୁରବାବୁ ଜନତା ପାର୍ଟି ଟିକେଟରେ ପ୍ରଥମ ଥର ପାଇଁ ବିଧାନସଭାକୁ ଯାଇଥିଲେ । ୧୯୮୦ ଓ ୧୯୮୫ରେ କଂଗ୍ରେସ ଟିକେଟରେ ଜିଣିଥିଲେ । ୧୯୯୦ରେ ତାଙ୍କ ବିଜୟ ରଥକୁ ଅଟକାଇ ଦେଇଥିଲେ ଶରତ ପାଇକରାୟ । କିନ୍ତୁ ପୁଣି ସୁରବାବୁ ପରିଶ୍ରମ କରି ୧୯୯୫ ଓ ୨୦୦୦ରେ ଜିଣିଥିଲେ । ହାରିଲେବି ସେ ଛାଡ଼ିବା ନେତା ନୁହଁନ୍ତି । ଖାସ୍ ସେଇଥିପାଇଁ ୨୦୧୯ରେ ସେ ପୁଣି ଥରେ ଜଟଣୀରୁ ଜିଣି ବିଧାୟକ ହେବାରେ ଛକା ମାରିଥିଲେ । ଅବଶ୍ୟ ସୁରଙ୍କ ରେକର୍ଡ଼ ଜଟଣୀରେ ଆଉ କେଉଁ ନେତା କାଟି ପାରିବେନି । ୨୦୧୯ରେ ସୁରଙ୍କ ବିଜୟ ପଛରେ ଅ-ସୁର ଫର୍ମୁଲାଟି ବେଶ୍ କାମ କରିଥିଲା । ଖଣ୍ଡେ ଅ-ମାନେ ଅପରାଜିତାଙ୍କୁ ଆଉ ଖଣ୍ଡେ ସୁରଙ୍କୁ । ଜଟଣୀ ଭୋଟରମାନେ ଏମିତି ହିଁ ଭୋଟ୍ ବାଣ୍ଟିଥିଲେ ।

ଏବେ ଆସିବା ୨୦୨୪କୁ । ୨୦୨୪ ନିର୍ବାଚନ ପୂର୍ବରୁ ସୁରବାବୁ ଆଉ ଲଢ଼ିବେନି ବୋଲି ଘୋଷଣା କରିଥିଲେ । ତାର ଦୁଇଟି କାରଣ, ଗୋଟିଏ ହେଉଛି ୨୦୧୯ ନିର୍ବାଚନ ବେଳେ ସେ ଭୋଟ୍ ଖଣ୍ଡେ ନହେଲେ କାଠ ଖଣ୍ଡେ ବୋଲି କହିଥିଲେ । ମାନେ ଏଇଟା ହେଉଛି ଶେଷ ନିର୍ବାଚନ । ଏ ଫର୍ମୁଲାରେ ସିମ୍ପାଥି ଭୋଟ୍ ମିଳେ । ତାଙ୍କୁ ବି ମିଳିଥିଲା । ଦ୍ୱିତୀୟ କାରଣଟି ହେଉଛି ଦୁଇ ପୁଅ ମନ୍ମଥ ଓ ସିଦ୍ଧାର୍ଥଙ୍କ ରାଜନୀତିକ ଭବିଷ୍ୟତ ପାଇଁ ସେ ଅଙ୍କ କଷୁଥିଲେ । ପ୍ରଥମେ କଂଗ୍ରେସ ଟିକେଟରୁ ତାଙ୍କ ପୁଅ ଲଢ଼ିବେ ବୋଲି ସୁର ଭାବି ନେଇଥିଲେ । ତେବେ ଅପରାଜିତା ୨୦୧୯ରେ ବେଗୁନିଆ ଓ ଜଟଣୀ କଂଗ୍ରେସ ଭୋଟରେ ଜିତିଥିବାରୁ ବିଜେଡ଼ି ନୂଆ ରଣନୀତି କରିଥିଲା । ବେଗୁନିଆରେ ପ୍ରଦୀପ ସାହୁଙ୍କୁ ବିଜେଡ଼ିରେ ମିଶାଇବା ସହ ସୁରଙ୍କ ପୁଅ ମନ୍ମଥ ରାଉତରାୟଙ୍କୁ ସାଂସଦ ଟିକେଟର ଥୋପ ଦିଆଯାଇଥିଲା । ସୁର ବି ପୁଅଙ୍କ ଭବିଷ୍ୟତ ପାଇଁ ଥୋପ ଗିଳିବାକୁ ବାଧ ହୋଇଥିଲେ ।



୧୯୭୭ ପରେ ପ୍ରଥମ ଥର ପାଇଁ ସୁର ୨୦୨୪ରେ କଂଗ୍ରେସ ବିରୋଧରେ ଭୋଟ୍ ମାଗିଥିଲେ । ହେଲେ କିଛି ଫାଇଦା ହେଲାନି । ତାଙ୍କର ଦୁଇଟି କ୍ଷତି ହେଲା । ଏକରେ ପୁଅ ତ ନିର୍ବାଚନରେ ହାରିଗଲେ, ଦୁଇରେ ଜଟଣୀରେ ନୂଆ କଂଗ୍ରେସ ନେତାଙ୍କର ଆବିର୍ଭାବ ହେଲା । ବିଜେପି ଟିକେଟ ନପାଇବାରୁ ସନ୍ତୋଷ ଜେନା କଂଗ୍ରେସରୁ ପ୍ରାର୍ଥୀ ହେଲେ । ସୁର ସେତେବେଳେ ଭାବିଥିବେ ସନ୍ତୋଷ ବେଶୀ ଭୋଟ୍ ଭିଡ଼ିପାରିବେନି । କିନ୍ତୁ ସନ୍ତୋଷ ୪୨ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ପାଇବା ସହ ବିଜେପିଠୁ ମାତ୍ର ୩ ଶହ ଭୋଟ୍ ପଛରେ ପଡ଼ିଥିଲେ । ଏମିତିବି ସୁରଙ୍କ ବଡ଼ ପୁଅ ସିଦ୍ଧାର୍ଥ ରାଉତରାୟଙ୍କୁ ନିମାପଡ଼ା ଟିକେଟ ମିଳିଥିଲା । ଯଦି ସୁର ଏବେ ଜଟଣୀ ମଇଦାନକୁ ନବାହାରିବେ ତେବେ କଂଗ୍ରେସ ଭୋଟ୍ ସନ୍ତୋଷଙ୍କ ପାଖକୁ ଯିବା ନିଶ୍ଚିତ ।

ସନ୍ତୋଷ ଜଣେ ଭଲ ସଂଗଠକ ହୋଇଥିବାବେଳେ ରାଜନୀତି ପାଇଁ ବିପୁଳ ଟଙ୍କା ବି ରଖିଛନ୍ତି । ମନ୍ମଥଙ୍କୁ ବିଜେଡ଼ି ଜିଲ୍ଲା ସଭାପତି ନକରିବାରୁ ସେ ବି ମନଦୁଃଖରେ ଅଛନ୍ତି । ବିଶେଷକରି ଦଳ ତାଙ୍କୁ ଦାୟିତ୍ୱ ଦେଉନଥିବାରୁ ସେ କ୍ଷୁବ୍ଧ ଅଛନ୍ତି । ଆଗକୁ କ'ଣ ହେବ ଅଲଗା କଥା, ଜଟଣୀ କଂଗ୍ରେସକୁ ନିଜ ହାତମୁଠାରେ ରଖିବା ପାଇଁ ସୁର ଏବେ ପୁଣି ଲଢ଼ିବେ ବୋଲି ବାଣଟେ ମାରିଛନ୍ତି । କିନ୍ତୁ ପିସିସି ସଭାପତି ଭକ୍ତ ଚରଣ ଦାସ କିନ୍ତୁ ସୁରଙ୍କ ବାଣକୁ 'ଫୁ' କରିଦେଇଛନ୍ତି । ଏନେଇ ସେ ଯେମିତି ହସିହସି ପ୍ରତିକ୍ରିୟା ଦେଇଛନ୍ତି, ସେଥିରୁ ସ୍ପଷ୍ଟ ଅନୁମେୟ, ସୁରଙ୍କୁ ଆଉ ଜଟଣୀ ରାଜନୀତିରେ ଗୁରୁତ୍ୱ ଦେବାକୁ ଭକ୍ତ ବି ଚାହୁଁନାହାନ୍ତି ।

ଗର୍ବିତ ଓଡ଼ିଆ

# ବିଶ୍ୱଙ୍କ ବଡ଼ ବିଜୟର ରହସ୍ୟ

୨୦୨୪ରେ ସବୁଠାରୁ ବଡ଼ ବ୍ୟବଧାନରେ ବାଜିମାତ୍ କରିଛନ୍ତି ବରି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ। ଯାଜପୁରରେ ବବି ଦାସ, ଡାନି ଘଡ଼େଇ, ଜିତୁ ବଳବନ୍ତରାୟ ଫେଲ୍ ମାରିଥିଲେବି ବିଶ୍ୱ କିନ୍ତୁ ଲକ୍ଷେରୁ ଉର୍ଦ୍ଧ୍ୱ ଭୋଟ୍ ପାଇବାରେ ସଫଳ ହୋଇଥିଲେ। ବରି ନିର୍ବାଚନ ଇତିହାସରେ ଏଯାଏଁ ଏତେ ଭୋଟ୍ କେହି ପାଇନଥିଲେ କି ୫୧ ହଜାର ଭୋଟ୍‌ରେ କେହି ଜିଣିନଥିଲେ । ଅବଶ୍ୟ ଏମିତି ବଡ଼ ବିଜୟ ପଛରେ ବିଜେଡ଼ିର ସଂଗଠନ, ବିଶ୍ୱଙ୍କ ବ୍ୟକ୍ତିଗତ ସଂଗଠନ, ବିଜେପିର ପ୍ରାର୍ଥୀ ଚୟନର ବି ଅନେକ ଶ୍ରେୟ ରହିଛି ।

କଂଗ୍ରେସ ଦଳରୁ ରାଜନୀତି ଆରମ୍ଭ କରିଥିଲେ ବିଶ୍ୱରଞ୍ଜନ ମଲ୍ଲିକ। ଯୁବ ଚେହେରା ଭାବେ ସେ ସଂଗଠନ କରୁଥିଲେ। ସେତେବେଳେ ବରି ଥିଲା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କ ଗଡ଼। ବିଜେଡ଼ିରେ ଦେବାଶିଷଙ୍କର ବେଶ୍ ପତିଆରା ଥିବାବେଳେ ସେ ଥିଲେ ନବୀନଙ୍କ ପାଖଲୋକ। ରାଜ୍ୟ ରାଜନୀତି ଉପରେ ଦେବାଶିଷ ବେଶୀ ଧ୍ୟାନ ଦେଉଥିବାରୁ ନିର୍ବାଚନମଣ୍ଡଳୀକୁ ସେତେ ଗସ୍ତ କରୁନଥିଲେ । ଯାହାର ସୁଯୋଗରେ ବିଶ୍ୱଙ୍କର ପତିଆରା ଓ ସଂଗଠନ ବଢ଼ିବାରେ ଲାଗିଥିଲା ।

୨୦୧୪ରେ ବିଶ୍ୱ ଭାବିଥିଲେ ତାଙ୍କୁ କଂଗ୍ରେସ ଟିକେଟ୍ ଦେବ। ସେହି ସମୟରେ ବରିରେ ବିଜେପିର ସେମିତି କିଛି ସଂଗଠନ ହିଁ ନଥିଲା। ବିଜେଡ଼ି ସହ କଡ଼ା ଲଢ଼େଇ କରିବାକୁ ବିଶ୍ୱ ସଜବାଜ ହୋଇଥିଲେ ମଧ୍ୟ କଂଗ୍ରେସ ଗଗନ ଜେନାଙ୍କୁ ପ୍ରାର୍ଥୀ କରିଥିଲା। ଫଳରେ ବିଶ୍ୱ ସ୍ୱାଧୀନ ଭାବେ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ସେହି ନିର୍ବାଚନରେ ବିଶ୍ୱଙ୍କୁ ୫୨ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ମିଳିଥିବାବେଳେ ୭ ହଜାର ଭୋଟ୍‌ରେ ହାରି ଯାଇଥିଲେ। ଯଦି କଂଗ୍ରେସ ତାଙ୍କୁ ଟିକେଟ ଦେଇଥା'ନ୍ତା ତେବେ ୨୦୧୪ରେ ସେ ବରିରୁ ବିଧାୟକ ହୋଇପାରିଥା'ନ୍ତେ ।

୨୦୧୭ରେ ଦମ୍ ଦେଖାଇଥିଲେ ବିଶ୍ୱ। ପଞ୍ଚାୟତ ନିର୍ବାଚନରେ ସେ ସବୁ ପଞ୍ଚାୟତରେ ପ୍ରାର୍ଥୀ ଦେବା ସହ ବରିରେ ତାଙ୍କର ଅନୁଗତ ହିଁ ଅଧ୍ୟକ୍ଷ ହୋଇଥିଲେ। ୨୦୧୮ରେ ବିଶ୍ୱ ବିଜେପିରେ ଯୋଗଦେଲେ। ୨୦୧୯ରେ ତାଙ୍କୁ ବିଜେପି ଟିକେଟ ଦେବା ନିଶ୍ଚିତ ଥିବାବେଳେ ବିଜୟସମ୍ଭାବନା ବି ବଢ଼ି ଯାଇଥିଲା । କିନ୍ତୁ ନିର୍ବାଚନର କିଛି ଦିନ ପୂର୍ବରୁ ଖେଳ କରିଦେଲେ ପ୍ରଣବ ପ୍ରକାଶ ଦାସ । ବିଶ୍ୱଙ୍କ ଖାସ ଅନୁଗତ ତଥା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସଙ୍କୁ ବବି ବିଜେଡ଼ିକୁ ନେଇଗଲେ । ଫଳରେ ୨୦୧୯ରେ ବିଶ୍ୱ ଓ ସୁନନ୍ଦା ମୁହାଁମୁହିଁ ହୋଇଥିଲେ । ଏଥର ବି ଭାଗ୍ୟଦେବୀ ସାଥ୍ ନଦେବାରୁ ବିଶ୍ୱଙ୍କୁ ୪ ହଜାର ଭୋଟରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହାପରେ ବିଜେଡ଼ିର ଦବଦବା ବି ଯାଜପୁରରେ ବଢ଼ି ଚାଲିଥିଲା । ବବିଙ୍କ ସହ ହାତ ମିଳାଇବାକୁ ବିଶ୍ୱ ବାଧ୍ୟ ହୋଇଥିଲେ। ନହେଲେ ସଂଗଠନ ସହ ବ୍ୟବସାୟ ବି ପ୍ରଭାବିତ ହୋଇଥା'ନ୍ତା। ୨୦୨୪ ନିର୍ବାଚନରେ ବିଶ୍ୱଙ୍କୁ ବିଜେଡ଼ି ଟିକେଟ୍ ଦେଇଥିଲା । ଅପରପକ୍ଷରେ ପୂର୍ବରୁ କଂଗ୍ରେସରେ ସଂଗଠନ କରୁଥିବା ଉମେଶ ଚନ୍ଦ୍ର ଜେନାଙ୍କୁ ବିଜେପି ଟିକେଟ୍ ମିଳିଥିଲା। ସେତେବେଳେ ଦେବାଶିଷ ନାୟକ ବିଜେପି ଟିକେଟ୍ ପାଇଁ ଆଶା ରଖିଥିଲେବି ଟିକେଟ୍ ମିଳିନଥିଲା । ଫଳରେ ସେ କଂଗ୍ରେସରେ ଯୋଗଦେଇ ଟିକେଟ୍ ନେବାରେ ସଫଳ ହୋଇଥିଲେ। ଗାଏମୋଟ୍ କହିଲେ ଚବିଶରେ ବରିରେ ବିଚିତ୍ର ରାଜନୀତି ଦେଖିବାକୁ ମିଳିଥିଲା। ମାନେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ମୂଳ ଦଳର ହିଁ ନଥିଲେ।



ତେବେ ସେ ଯାହାହେଉନା କାହିଁକି ବିଶ୍ୱ କିନ୍ତୁ ରେକର୍ଡ଼ ଭୋଟ୍ ପାଇବା ସହ ରେକର୍ଡ଼ ବ୍ୟବଧାନରେ ବିଜୟୀ ହୋଇଥିଲେ । ୨୦୨୪ ନିର୍ବାଚନରେ କେହି ସେତେ ଭୋଟରେ ବିଜୟୀ ହୋଇନାହାନ୍ତି । ଏହାର କାରଣ ହେଉଛି, ଉଭୟ ବିଜେପି ଓ କଂଗ୍ରେସରେ ସଂଗଠନ କରୁଥିବାରୁ ତାଙ୍କ ସହ ସବୁ ଦଳର କର୍ମୀ ମଧ୍ୟ ଥିଲେ । ବିଶ୍ୱଙ୍କୁ ଟଙ୍କା ବାଲା ନେତା ବୋଲି ବି କୁହାଯାଏ । ଏପଟେ ବିଜେପି ଓ କଂଗ୍ରେସର ଭୋଟ୍, ବିଜେଡ଼ିର ପକେଟ୍ ଭୋଟ୍, ଦୁଇ ଦୁଇ ଥର ହାରିଥିବାରୁ ସିମ୍ପାଥି ଭୋଟ୍ ଯୋଗୁଁ ତାଙ୍କର ଭୋଟ୍ ଲକ୍ଷେ ଟପି ଯାଇଥିଲା । ଏମିତିକି ଖାଲି ଅର୍ଥ ବଳ ନୁହେଁ, ବାହୁବଳରେ ବି ବିଶ୍ୱ ବେଶ୍ ଦକ୍ଷ । ସେଥିପାଇଁ ବି ଆଉ କିଛି ଭୋଟ୍ ସେ ପାଇବାରେ ସକ୍ଷମ ହୋଇଥିଲେ । ବିଶ୍ୱ ଏତେ ଭୋଟ୍‌ରେ ଜିତିଥିଲେବି ପୁଣି ଶାସକ ଦଳ ଆଡ଼କୁ ମୁହାଁଉଥିବା ନେଇ ଚର୍ଚ୍ଚା ଜୋରଧରିଛି । ୨୦୨୯ରେ ସେ ଶଙ୍ଖରୁ ଲଢ଼ିବେ ନା ପଦ୍ମଫୁଲରେ ତାହା ସମୟ ହିଁ କହିବ ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA



# 'ମାଙ୍କଡ଼' କହିଲେ ଉପାସନା
# ଖତେଇ ହେଲେ ଟ୍ରୋଲ୍

ବ୍ରହ୍ମଗିରିରେ ଏବେ ଆରମ୍ଭ ହୋଇଯାଇଛି ସଂଜୟ ଓ ଉପାସନା ଲଢ଼େଇ। ୨୦୨୪ରେ ଅଭିମାନରେ ବ୍ରହ୍ମଗିରି ଛାଡ଼ି ସତ୍ୟବାଦୀ ପଳାଇଥିଲେ ସଂଜୟ ଦାସବର୍ମା । ଯେଉଁ ଭୁଲ୍ ପାଇଁ ବ୍ରହ୍ମଗିରି ଓ ସତ୍ୟବାଦୀରେ ବିଜେଡ଼ି ମାଟି କାମୁଡ଼ିଛି। ଏବେ ସଞ୍ଜୀୟ ବ୍ରହ୍ମଗିରି ସଂଗଠନ ସଜାଡୁଥିବାବେଳେ ଉପାସନା କିନ୍ତୁ ବିଜେଡ଼ି ନେତାଙ୍କ ହାତରୁ ଶଙ୍ଖ ନେଇଯାଇ ପଦ୍ମଫୁଲ ଧରାଇ ଦେଉଛନ୍ତି। ଏଇ ନିକଟରେ କୃଷ୍ଣପ୍ରସାଦ ବ୍ଲକର ଅଧ୍ୟକ୍ଷା ସରୋଜିନୀ ତରାଇ ବିଜେପିରେ ମିଶିଥିଲେ। ଯାହାକୁ ନେଇ ସ୍ୱାଭାବିକ ଭାବେ ଉପାସନା ବେଶ୍ ଉତ୍ସାହିତ ହୋଇପଡ଼ିଥିଲେ। ରାଜନୀତିରେ ପରିପକ୍ୱ ହୋଇନଥିବାରୁ ସେ ଠିକ୍ ଭାବେ ମାଙ୍କଡ଼ ଉପାଖ୍ୟାନ ବୁଝାଇ ପାରିନଥିଲେ। ବିଜେପିର ମିଶ୍ରଣ ପର୍ବ ଓ ବିଜେଡ଼ିର ନିଲମ୍ବନ ପର୍ବକୁ ନେଇ ସେ କହୁକହୁ କହିଦେଲେ, ଶେଷକୁ ବିଜେଡ଼ିରେ ତିନି ଜଣ ରହିବେ। ଜଣେ ମୁଖିଆ, ଜଣେ ତାମିଲ ଆଉ ଜଣେ ଉପକୂଳିଆ। ଗାନ୍ଧୀଙ୍କ ତିନି ମାଙ୍କଡ଼ ଖରାପ ଶୁଣିବୁନି, ଖରାପ କହିବୁନି ଆଉ ଖରାପ ଦେଖିବୁନି ଭଳି ଏମାନେ ସରକାରଙ୍କ ବିଷୟରେ ଭଲ ଶୁଣିବେନି, ଭଲ କହିବେନି କି ଭଲ ଦେଖିବେନି ବୋଲି କହିଥିଲେ। ଉପାସନା ଗାନ୍ଧୀଙ୍କ ତିନି ମାଙ୍କଡ଼ କଥା କହିଥିଲେବି ବିଜେଡ଼ି ନେତା, ନେତ୍ରୀ ଓ ଟ୍ରୋଲମାନେ ତାହାକୁ ବୋଧହୁଏ ଖଣ୍ଡଗିରି ମାଙ୍କଡ଼ ବୋଲି ଭାବି ନେଇଥିଲେ। ବାସ୍ ତା'ପରେ ବିଜେଡ଼ିର ବରିଷ୍ଠଠୁ ନେଇ କନିଷ୍ଠମାନେ ସାମାଜିକ ଗଣମାଧ୍ୟମରେ ଟ୍ରୋଲ୍ (ଖତେଇ) କରିବାର ପ୍ରତିଯୋଗିତା ଆରମ୍ଭ କରିଦେଇଥିଲେ। ହେବାବି ସ୍ୱାଭାବିକ, କି କଥା ନବୀନ, ପାଣ୍ଡିଆନଙ୍କୁ ଉପାସନା କହିଦେବେ, ଆଉ ସେମାନେ କ'ଣ ଛାଡ଼ିଦେବେ? ଉପାସନା ବି ଆଗକୁ କହିବା ବେଳେ ସତର୍କ ହେବା ଦରକାର। ଯେଉଁ ଉପମା କି ଢଗ କହିବେ, ତାହାକୁ ଟିକେ ବିଶ୍ଳେଷଣ କରିଦେବେ, ନଚେତ୍ ଗାନ୍ଧୀଙ୍କ ମାଙ୍କଡ଼ ବଦଳରେ ଲୋକେ ଖଣ୍ଡଗିରି ମାଙ୍କଡ଼ ବୁଝିପାରନ୍ତି।



# ଶଶୀ ଥରୁର ଓ ଅରବିନ୍ଦ ପାଢ଼ୀ

ଆଜିକାଲି ପ୍ରଶାସକଙ୍କ ମଧ୍ୟରେ ବେଶୀ ଚର୍ଚ୍ଚାରେ ଅଛନ୍ତି ଅରବିନ୍ଦ ପାଢ଼ୀ । ସୋସିଆଲ ମିଡ଼ିଆରେ ବି ବେଶ୍ ସକ୍ରିୟ । ଅବଶ୍ୟ ଟ୍ରୋଲଙ୍କ ଆକ୍ରମଣରେ ଅତିଷ୍ଠ ହୋଇ ଫେସବୁକରୁ ବିରତି ନେବାନେଇ ଘୋଷଣା କରିଥିଲେ । ଏବେ ଏକ୍ସ'ରେ ତାଙ୍କର ଏକ ପୋଷ୍ଟ ବେଶ୍ ଚର୍ଚ୍ଚା ସୃଷ୍ଟିକରିଛି । ଏମିତିବି ଶଶୀ ଥରୁର ତ ସବୁବେଳେ ଚର୍ଚ୍ଚାରେ ରହି ଆସୁଛନ୍ତି । କେବେ କଂଗ୍ରେସକୁ ଚିମୁଟି ଦେଉଛନ୍ତି ତ ଆଉ କେବେ ସରକାରଙ୍କୁ ସଣ୍ଢୁଆସୀ ଆକ୍ରମଣ କରୁଛନ୍ତି । କେବେ ସେ ରାହୁଲଙ୍କ ଫ୍ୟାନ୍ ତ କେବେ ମୋଦିଙ୍କ ଫ୍ୟାନ୍ । ସାର୍ ଆମର ଦିଲ୍ଲୀ ଗଲାବେଳେ ବିମାନ ବନ୍ଦରରେ ଥରୁରଙ୍କୁ ଦେଖି ସେଲଫିଟିଏ ନେଇଛନ୍ତି । ଖାଲି ଫଟୋ ଉଠାଇନାହାନ୍ତି, ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ହୋଇଥିବାରୁ ମହାପ୍ରଭୁଙ୍କ ଜଗନ୍ନାଥ ଦର୍ଶନ ପାଇଁ ନିମନ୍ତ୍ରଣ ବି କରିଛନ୍ତି ।

# ତାରାଙ୍କୁ ଭେଦକରି ଉଦୟ ହୋଇପାରିଲେନି ରବି

**କୋରାପୁଟରୁ ଶରତ ନାୟକଙ୍କ ରିପୋର୍ଟ**

ଏକଦା ରବିଙ୍କ କିରଣରେ ଝଟକୁଥିଲା ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀ। ଖାଲି ଜୟପୁର ନୁହେଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ମଧ୍ୟ ତାଙ୍କର ଦବଦବା ରହିଥିଲା। ତେବେ ୨୦୧୪ ରେ ଜୟପୁରରେ ତାରାଙ୍କ ଆବିର୍ଭାବ ପରେ ଅସ୍ତଗାମୀ ହୋଇଗଲେଯେ, ଆଉ ଉଦୟ ହୋଇ ପାରିଲେ ନାହିଁ ରବି।


ଅର୍ଥାତ୍ ଲଗାତର ୨ଟି ସାଧାରଣ ନିର୍ବାଚନରେ ରବି ନାରାୟଣ ନନ୍ଦ ନିଜେ ପରାଜୟ ବରଣ କରିବା ସହିତ ତାଙ୍କ ପତ୍ନୀ ଇନ୍ଦିରା ନନ୍ଦ ମଧ୍ୟ ଗତ ୨୦୨୪ ନିର୍ବାଚନରେ ପରାଜୟ ବରଣ କରିଛନ୍ତି। କହିବାକୁ ଗଲେ ଏଠାରୁ ରବି ହାଟ୍ରିକ ପରାଜୟ ବରଣ କରିଥିବାବେଳେ ହାଟ୍ରିକ୍ ବିଜୟ ହାସଲ କରିଛନ୍ତି ତାରା ।

ଜୟପୁର ନିର୍ବାଚନମଣ୍ଡଳୀର ଇତିହାସକୁ ଅନୁଶୀଳନ କଲେ, କଂଗ୍ରେସର ଟାଣୁଆ ନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକ ଏଠାରୁ ୬ ଥର ନିର୍ବାଚିତ ହୋଇଥିଲେ । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ସମୟରେ ଗୁରୁତ୍ୱପୂର୍ଣ୍ଣ ଅର୍ଥ ମନ୍ତ୍ରୀ ପଦ ସମ୍ଭାଳିଥିଲେ। ୧୯୫୧ ମସିହାରେ ଉକ୍ତ ନିର୍ବାଚନମଣ୍ଡଳୀ ଗଠିତ ହୋଇଥିଲା। ପ୍ରଥମେ ୧୯୫୧ରୁ ୧୯୫୭ ପର୍ଯ୍ୟନ୍ତ ହରି ମିଶ୍ର ଓ ଲଇଛନ ନାଏକ ଗଣତନ୍ତ୍ର ପରିଷଦରୁ ନିର୍ବାଚିତ ହୋଇଥିଲେ। ସେହିପରି ୧୯୬୧ରେ ରଘୁନାଥ ପଟ୍ଟନାୟକ ଜାତୀୟ କଂଗ୍ରେସରୁ ଓ ୧୯୬୭ରେ ରମେଶିହା. ଏନ ନିର୍ବାଚନ ଜିଣିଥିଲେ। ୧୯୭୯ରେ ଅନୁଷ୍ଠିତ ଉପନିର୍ବାଚନରେ ବାଜିମାତ୍ କରିଥିଲେ ପ୍ରତାପ ନାରାଣ ସିଂହ ଦେଓ । ତେବେ ୧୯୭୪, ୧୯୭୭ ଓ ୧୯୮୦ ରେ ରଘୁନାଥ ପଟ୍ଟନାୟକ ଏଠାରୁ ଲଗାତର ଜାତୀୟ କଂଗ୍ରେସରୁ ନିର୍ବାଚନ ଜିତିଥିଲେ। କିନ୍ତୁ ୧୯୮୫ରେ କଂଗ୍ରେସ ରଘୁନାଥଙ୍କୁ ଟିକେଟ୍ ନଦେଇ ଗୁପ୍ତ ପ୍ରସାଦ ଦାସଙ୍କୁ ପ୍ରାର୍ଥୀ କରିଥିଲା ଓ ସେ ଜିଣିଥିଲେ। ୧୯୯୦ରେ ଗୁପ୍ତଙ୍କୁ ଟିକେଟ୍ ଦିଆନଯାଇ ରଘୁନାଥଙ୍କୁ ପୁଣି ଟିକେଟ୍ ଦିଆଯାଇଥିଲା। ସେ ୧୯୯୦ ଓ ୧୯୯୫ରେ ପୁଣି ଦୁଇ ଥର ନିର୍ବାଚିତ ହୋଇଥିଲେ। ତେବେ ୨୦୦୦ ମସିହାରେ ରଘୁନାଥଙ୍କୁ ଟିକେଟ ଦିଆନଯାଇ ଗୁପ୍ତ ପ୍ରସାଦ ଦାସଙ୍କୁ ପୁଣି ଟିକେଟ ଦିଆଯାଇଥିଲା ବେଳେ ରବିନାରାୟଣ ନନ୍ଦଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ଏଠାରୁ ରବି ନାରାୟଣ ନନ୍ଦ ବିଜୟୀ ହୋଇଥିଲା ବେଳେ ଗୁପ୍ତ ଦାସ ପରାଜୟ ବରଣ କରିଥିଲେ। ରବି ନାରାୟଣ ନନ୍ଦ ଜୟପୁରରୁ ଲଗାତର ଭାବେ ୨୦୦୦,୨୦୦୪ ଓ ୨୦୦୯ ପର୍ଯ୍ୟନ୍ତ ତିନି ଥର ନିର୍ବାଚିତ ହୋଇ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବା ସହିତ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ହୋଇଥିଲାବେଳେ ୨୦୦୯ରେ ଗଣଶିକ୍ଷା ମନ୍ତ୍ରୀ ହୋଇଥିଲେ। ଏପରିକି ସେତେବେଳର ଜିଲ୍ଲାର ଟାଣୁଆ ଆଦିବାସୀ ନେତା ଜୟରାମ ପାଙ୍ଗୀଙ୍କୁ ପଛରେ ପକାଇ ଅଧିକ ଶକ୍ତିଶାଳୀ ହୋଇଥିଲେ । ଜୟରାମ ପାଙ୍ଗିଙ୍କ ପରେ ଜିଲ୍ଲା ସଭାପତି ପଦ ସମ୍ଭାଳି ଥିଲେ। ୨୦୦୯ରେ ତାରାଙ୍କୁ କଂଗ୍ରେସ ଟିକେଟ୍ ନଦେବାରୁ ସେ ବିଜେପି ଟିକେଟରେ ନିର୍ବାଚନ ଲଢ଼ିଥିଲେ। ତେବେ ୨୦୧୪ ନିର୍ବାଚନ ପରଠାରୁ ତାରାଙ୍କ ବିଜୟ ରଥ ଗଡ଼ିଚାଲିଥିବାବେଳେ ବାରବାର ପରାଜୟ ବରଣ କରି ରବିଙ୍କ ଛବି ମଳିନ ପଡିଯାଇଛି କହିଲେ ଭୁଲ୍ ହେବନାହିଁ । ସେ ଏଠାରୁ ଦୁଇଥର ପରାଜୟ ବରଣ କରିବା ପରେ ୨୦୨୪ରେ ତାଙ୍କ ପତ୍ନୀ ଇନ୍ଦିରା ନନ୍ଦଙ୍କୁ ବିଜେଡ଼ି ଟିକେଟ୍ ଦେଇଥିଲା । ତେବେ ସେ ବି ତାରାଙ୍କ ଠାରୁ ପରାଜିତ ହୋଇଥିଲେ । ଅବଶ୍ୟ ତାରା ଏଠାରେ ଥରେ ହାରିଥିଲେ। କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀଟି ସାଧାରଣ ବର୍ଗ ଥିବାବେଳେ ସେ ଏଠାରୁ ୨୦୦୦ ଓ ୨୦୦୪ରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତେବେ ସେହି ଆସନଟି ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ହୋଇଯିବାପରେ ତାରା ଜୟପୁର ବିଧାନସଭା ଆସନରୁ ପ୍ରାର୍ଥୀ ହେବାକୁ ଚାହୁଁଥିଲେ । ତେବେ ପୁର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପାଖଲୋକ ଥିବା କେ ନାଗଦୋରାଙ୍କୁ କଂଗ୍ରେସ ସେଠାରେ ପ୍ରାର୍ଥୀ କରିବାରୁ ବାହିନୀପତି କଂଗ୍ରେସରୁ ଇସ୍ତଫା ଦେଇ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ପ୍ରାର୍ଥୀ ହୋଇଥିଲେ । ଅବଶ୍ୟ ରବିନାରାୟଣ ନନ୍ଦ ପ୍ରାୟ ୫୭ ହଜାର ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ବାହିନୀପତି ପ୍ରାୟ ୪୮ ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । କଂଗ୍ରେସ ପ୍ରାର୍ଥୀ ନାଗଦୋରା ୧୦ ହଜାର ଅତିକ୍ରମ କରି ପାରିନଥିଲେ ।

ସେତେବେଳେ ବିଜେପିର ପଡିଆରା ନଥିଲେ ମଧ୍ୟ ବାହିନୀପତି ଅଳ୍ପ ସଂଖ୍ୟକ ଭୋଟରେ ପରାଜିତ ହୋଇଥିବାରୁ କଂଗ୍ରେସ ପୁଣି ତାଙ୍କୁ କୋଳେଇ ନେଇ ୨୦୧୪ରେ ପ୍ରାର୍ଥୀ କରିଥିଲା ଓ ସେ ବିଜୟୀ ହୋଇଥିଲେ। କହିବାକୁ ଗଲେ ପ୍ରଥମ ପାଳିରେ ବିଜେପିରୁ ଲଢ଼ି ରବି ନନ୍ଦଙ୍କ ଠାରୁ ୨୦୦୯ରେ ପରାଜିତ ହୋଇଥିବା ତାରା ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟରଙ୍କ ଆସ୍ଥାଭାଜନ ହୋଇ ରବିଙ୍କୁ ଦୁଇ ଥର ଓ ତାଙ୍କ ପତ୍ନୀଙ୍କୁ ଥରେ ହରାଇ ଅସ୍ତଗାମୀ କରିଦେଲେଯେ, ସେ ଆଉ ଉଦୟ ହୋଇପାରିଲେ ନାହିଁ ।








# ବିଧାୟକ ଓ ସାଂସଦଙ୍କ 'ସୋଲାର ଲାଇଟ୍' ପ୍ରେମ

ଆଜିକାଲି ଆପଣ ଯେଉଁ ନିର୍ବାଚନମଣ୍ଡଳୀ ଯିବେ ସେଠି ମାଳମାଳ ସୋଲାର ଲାଇଟ୍ ଦେଖିବାକୁ ପାଇବେ। ବାଟରେ ଘାଟରେ ଖୁଣ୍ଟରେ ଲାଗିଥିବା ଛୋଟ ଲାଇଟ୍ ଆଉ ଛକ ମୁଣ୍ଡରେ ଛତା ଭଳିଆ ବଡ଼ ଲାଇଟ୍। ସଂଜ ନଇଁଲେ ଖାଲି ଆଲୁଅ ଆଉ ଆଲୁଅ। ଆପଣ ଭାବୁଥିବେ, ଆମ ବିଧାୟକ ଓ ସାଂସଦମାନେ କେତେ ଭଲ । ଲୋକଙ୍କୁ ଜମା ଅନ୍ଧାରରେ ରଖିବାକୁ ଚାହୁଁନାହାନ୍ତି। ସତେଯେମିତି ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ଆଲୁଅ ଏବେ ମୌଳିକ ଆବଶ୍ୟକତା ହୋଇଯାଇଛି। ପୁଣି ବିଜୁଳି ବଦଳରେ ସୌରଶକ୍ତି ବ୍ୟବହାର। ହେଲେ ଆଜ୍ଞା, ଆମେ ଖୋଳତାଡ଼ କରିବା ପରେ ଜାଣିଲୁ, ବିଧାୟକ ଓ ସାଂସଦଙ୍କ 'ସୋଲାର ଲାଇଟ୍' ପ୍ରେମର ଅସଲ ଉଦ୍ଦେଶ୍ୟ କିନ୍ତୁ ଅଲଗା। ଏହି ଲାଇଟ୍ ଲଗାଇଲେ ଅତିକମରେ ୪୦% ଲାଭ। ମାନେ ଯଦି ଜଣେ ବିଧାୟକ କି ସାଂସଦ ୧୦ ଲକ୍ଷର ଲାଇଟ୍ ଲଗାଇବେ ସିଧା ୪ ଲକ୍ଷର ପ୍ରଫିଟ୍। ଅନ୍ୟ କାମଦାମରେ ସେତେ ଲାଭ ନାହିଁ। ପୁଣି ବିଧାୟକ କି ସାଂସଦ ପାଣ୍ଠି ତ କର୍ମୀଙ୍କୁ ଦିଆଯିବ। କିଛି କିଛି ବିଧାୟକ ଏଥିପାଇଁ ମାତ୍ର ୧୦% ପାଉଛନ୍ତି।



କେହିକେହି ସିଧାସଳଖ କର୍ମୀଙ୍କଠୁ ଏବାବଦରେ ପିସି ନନେଇ ମିଟିଂ ଇଟିଂ କଥା ବୁଝିବାକୁ କହି ଦେଉଛନ୍ତି। ହେଲେ ସୋଲାର ଲାଇଟ ପାଇଁ ସିଧାସଳଖ ନେତାମାନେ କମ୍ପାନୀ ସାଙ୍ଗରେ ଡିଲ୍ କରୁଛନ୍ତି। କମ୍ପାନୀ ବାଲା ସିଧା ସିଧା ନଗଦ ଟଙ୍କା ଧରାଇ ଦେଉଛନ୍ତି। ହ୍ୱାଟ ଆନ୍ ଆଇଡ଼ିଆ ସାର୍ ଜୀ।

**(ବି.ଦ୍ର : ଅନେକ ବିଧାୟକ ଓ ସାଂସଦ ଏଇଆ କରୁଛନ୍ତି। ତଥାପିବି ସତୀତ୍ୱ ଦେଖାଇବା ପାଇଁ ଦାନ୍ତ କଡ଼ମଡ଼ କରିପାରନ୍ତି। ମୁଁ ସେମିତି ନୁହେଁ ବୋଲି କହିପାରନ୍ତି। ତେଣୁ ଆମେ କହିରଖୁଛୁ, କିଛି ବିଧାୟକ ଓ ସାଂସଦଙ୍କୁ ଛାଡ଼ିଦେଲେ, ଅଧିକାଂଶ ଏଇ ସୋଲାର ପ୍ରେମରେ ଉବୁଟୁବୁ ହେଉଛନ୍ତି ।)**

# ନେତାଙ୍କ ମହୋତ୍ସବ ରେସ୍

**ଆଚ୍ଛା, ଗାଁରେ ପୂଜା କି ଉତ୍ସବ ପାଇଁ କ୍ଲବ୍ କି ସାହି ପିଲାଙ୍କ ଚାନ୍ଦା ଆଦାୟ ଯଦି ବେଆଇନ୍, ତେବେ ନେତାମାନେ ମହୋତ୍ସବ ପାଇଁ ଯେଉଁ ଚାନ୍ଦା ଆଦାୟ କରୁଛନ୍ତି, ତାକୁ କ'ଣ କୁହାଯିବ ?**

ଡିସେମ୍ବରରୁ ଜାନୁଆରୀ। ଏଇ ଦି ମାସ ମନ୍ତ୍ରୀ କି ନେତାଙ୍କୁ ଜମା ତର ନାହିଁ। ରାଜ୍ୟର ଯୁଆଡ଼େ ଯିବୁ ଖାଲି ମହୋତ୍ସବ। ଗଣେଶପୂଜା ଓ ଦୁର୍ଗାପୂଜାରେ ଯେମିତି ମେଢ଼ ମେଢ଼ ଭିତରେ ପ୍ରତିଯୋଗିତା ହୁଏ, ଠିକ୍ ସେମିତି ବିଧାୟକମାନଙ୍କ ମଧ୍ୟରେ ମହୋତ୍ସବକୁ ନେଇ ଅଘୋଷିତ ଲଢ଼େଇ ଦେଖିବାକୁ ମିଳୁଛି। ମହୋତ୍ସବର ଆୟୋଜନରୁ ହିଁ ବିଧାୟକ ଓ ମନ୍ତ୍ରୀଙ୍କ କାଢ଼ ଜଣାପଡୁଛି। ମାନେ ଯିଏ ଯେତେ ଯାକଜମକରେ ମହୋତ୍ସବ କରିବେ, ସେଇ ନେତା ହିଁ ପାୱାରଫୁଲ୍ ବୋଲି ବିବେଚିତ ହେବେ। ସେଇଥିପାଇଁ ଲୋକେ କହୁଛନ୍ତି, ନେତା ଯେଡ଼େ, ମହୋତ୍ସବ ସେଡ଼େ। ବଡ଼ ମହୋତ୍ସବ ଆୟୋଜନ କରିବା ଏକ ରକେଟ୍ ସାଇନ୍ସ ନୁହେଁ । ଯିଏ ଯେତେ ପ୍ରଭାବ ବିସ୍ତାର କରି ଚାନ୍ଦା ସଂଗ୍ରହ କରିପାରୁଛି ସେହି ନିର୍ବାଚନମଣ୍ଡଳୀରେ ସେତେ ବଡ଼ ମହୋତ୍ସବ ପାଳନ କରାଯାଉଛି। ଛୋଟ ବେପାରୀ, ମଝିଆ ବେପାରୀ, ବଡ଼ ବେପାରୀ, ଠିକାଦାରଙ୍କଠୁ ନେଇ କମ୍ପାନୀ ଯାଏଁ, ନେତାମାନେ ଚାନ୍ଦା କଲେକ୍ସନରେ ଲାଗି ପଡ଼ିଛନ୍ତି। ଗାଁ ଗହଳିରେ ପୂଜା ପାର୍ବଣରେ ଚାନ୍ଦା ଆଦାୟକୁ କୁଆଡ଼େ ସରକାର ବେଆଇନ୍ ବୋଲି କହୁଛନ୍ତି। ଅନେକ ଗାଁରେ ପୁଲିସ୍ କ୍ଲବ କି ସାହି ପିଲାଙ୍କୁ ଉଠାଇବି ନେଉଛି । କେଉଁଠି ଧମକ ବି ଦିଆଯାଉଛି । କ୍ଲବ କି ସାହି ପିଲା ଦଶ ପଚାଶ କି ଅତିବେଶୀରେ ଶହେ ଚାନ୍ଦା ଆଦାୟ କରନ୍ତି, କିନ୍ତୁ ନେତାମାନେ ତ ମହୋତ୍ସବ ଆଳରେ ଲକ୍ଷ ଲକ୍ଷ ଟଙ୍କାର ଚାନ୍ଦା ନେଉଛନ୍ତି । କେତେ ଆଦାୟ ହେଲା, କେତେ ମହୋତ୍ସବ ଖାତାକୁ ଆସିଲା ତାହାର ହିସାବ ବି ନାହିଁ। ଗୋଟିଏ ଗୋଟିଏ ମହୋତ୍ସବରେ ଦି ଚାରିଦିନରେ କୋଟି କୋଟି ଉଡ଼ିଯାଉଛି । ଏ ଟଙ୍କା ଦେଉଛି କିଏ, ଯଦି ଦେଉଛି କେଉଁ ସ୍ୱାର୍ଥରେ, ଧମକ ଦେଇ ଚାନ୍ଦା ଆଦାୟ ହେଉଛି ନା ଖୁସି ମନରେ, ଏନେଇ ନେତାମାନେ ଟିକେ ନିଜ ମନକୁ ପଚାରନ୍ତୁ ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS